# ସେମାନଙ୍କ ପିଲାଦିନ

ସଂପାଦନା :
ସୌମ୍ୟରଂଜନ ପଟ୍ଟନାୟକ

ଆମ ଓଡ଼ିଶା
ĀMA ODISHĀ

**ସେମାନଙ୍କ ପିଲାଦିନ**

**ସଂପାଦନା : ସୌମ୍ୟରଂଜନ ପଟ୍ଟନାୟକ**


ପ୍ରକାଶକ : ଆମ ଓଡ଼ିଶା,
୪ ଆର୍ ୧/୨, ଇଉନିଟ୍-୩,
ଭୁବନେଶ୍ୱର-୭୫୧୦୦୧

ମୁଦ୍ରଣ : ଶ୍ରୀରାମ ସ୍କ୍ରିନ୍ ପ୍ରିଣ୍ଟିଂ,
ଭୁବନେଶ୍ୱର-୭

ପ୍ରଥମ ସଂସ୍କରଣ : ଅଗଷ୍ଟ, ୨୦୧୧
ପୁନର୍ମୁଦ୍ରଣ : ନଭେମ୍ବର, ୨୦୧୧
ଅଗଷ୍ଟ, ୨୦୧୨
ଡିସେମ୍ବର, ୨୦୧୨



© ଆମ ଓଡ଼ିଶା



ପ୍ରଚ୍ଛଦ ଓ ରେଖାଚିତ୍ର : ଶଶିକାନ୍ତ ରାଉତ

**ମୂଲ୍ୟ : ଟ.୩୦/-**


**Semananka Piladina**
Edited by : Soumyaranjan Patnaik


Publisher : Aama Odisha,
4R 1/2, Unit-3, Bhubaneswar-751001
e-mail : aamaodisha@gmail.com

Printed at : Sriram Screen Printing,
Bhubaneswar-7

First edition : August, 2011
Reprint : November, 2011
August, 2012
December, 2012



© Aama Odisha



Cover & Sketches : Shashikant Rout

Price : ₹ 30/-

ISBN- 81-89436-11-2

# ଦୁଇପଦ

ଆଜି ପରି ଏତେ ସୁଖ, ସୁବିଧାରେ ସେମାନେ ପଢ଼ିବାର ସୁଯୋଗ ପାଇ ନଥିଲେ । ସେମାନଙ୍କ ପିଲାଦିନେ ଘର ପାଖରେ ସ୍କୁଲ୍ ନଥିଲା କି ଦୂର ସ୍କୁଲ୍‌ରେ ଯାଇ ପାଠ ପଢ଼ିବାକୁ ରାସ୍ତାଘାଟର ସୁବିଧା ନଥିଲା । ଆଜି ପରି ବିଜୁଳି ଆଲୁଅ, ଟେଲିଫୋନ୍, ଟିଭି, କମ୍ପ୍ୟୁଟର, ଇଣ୍ଟରନେଟ୍ ବି ନଥିଲା । ତଥାପି ସେମାନେ ପଢ଼ିଲେ, ବଡ଼ହେଲେ ଆଉ ବଡ଼ ମଣିଷ ହୋଇ ଓଡ଼ିଶାରେ ଓ ଦେଶ, ବିଦେଶରେ ନାଆଁ କଲେ । ସେମାନେ ନିଜକଥା, ନିଜ ନିଜର ପିଲାଦିନ କଥା ନିଜ ଆତ୍ମଜୀବନୀରେ ଲେଖିଯାଇଛନ୍ତି । ସେମାନଙ୍କର ସେଇସବୁ ଲେଖାରୁ କେତୋଟିକୁ ନେଇ ଏହି ପୁସ୍ତକର ପରିକଳ୍ପନା ।

ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କୁ ପଢ଼ିଲା ବେଳେ ଅନେକ ଦିନ ଉପାସ ରହିବାକୁ ପଡ଼ିଥିଲା । ଡକ୍ଟର ପ୍ରାଣକୃଷ୍ଣ ପରିଜା ପଢ଼ିଲା ବେଳେ ସିଲଟ, କଲମ ନଥିଲା । ମୁଣ୍ଡା ଖଡ଼ିରେ, ଘରର ମାଟି ଚଟାଣ ଉପରେ ସେ ଅକ୍ଷର ଲେଖା ଶିଖିଥିଲେ । ଜ୍ଞାନପୀଠ ବିଜେତା ଗୋପୀନାଥ ମହାନ୍ତିଙ୍କୁ ଶୀତଦିନେ ହେଁସ ଘୋଡ଼ିହୋଇ ଶୋଇବାକୁ ପଡୁଥିଲା । ହାତରେ ସୂତାକାଟି, ଖଦଡ଼ଲୁଗା ବୁଣି, ବୁଲି ବୁଲି ବିକୁଥିଲେ ଡକ୍ଟର ଶ୍ରଦ୍ଧାକର ସୂପକାର। ତଥାପି ସେମାନେ ପାଠ ପଢ଼ିଲେ । ବଡ଼ ହୋଇ ନିଜ ନାଆଁକୁ ଓ ଓଡ଼ିଶାର ନାଆଁକୁ ଉଜ୍ଜ୍ୱଳ କଲେ ।

ସେଇମାନଙ୍କ ଭିତରୁ ଦଶଜଣଙ୍କ ପିଲାଦିନର କଥାକୁ ନେଇ ଏ ବହି । ଯଦି ସେମାନେ ଏତେ ପ୍ରତିକୂଳ ପରିସ୍ଥିତିରେ ବି ଏତେ କଥା କରିପାରିଲେ, ଆଜି ଏତେ ସୁବିଧା, ସୁଯୋଗ ଥାଇ ମଧ୍ୟ ଆମ ପିଲାଏ ସେମାନଙ୍କ ପରି ହୋଇ ନପାରିବେ କାହିଁକି ?

ଏ ବହିଟି ତେଣୁ ଆଜିର ପିଲାଙ୍କ ପାଇଁ । ପ୍ରବଳ ଇଚ୍ଛାଶକ୍ତି ଥିଲେ ସବୁ କିଛି ସମ୍ଭବ ହୁଏ । ଏ ବହି ପଢ଼ି ସେମାନେ ନିଜ ଜୀବନକୁ ସେହିପରି ଗଢ଼ିବାପାଇଁ କିଛି ପ୍ରେରଣା ପାଇପାରିବେ ବୋଲି ଆଶା କରୁଛି। ଆମ ଓଡ଼ିଶାର ଆହୁରି କିଛି ବଡ଼ମଣିଷଙ୍କର ପିଲାଦିନକୁ ନେଇ ଏପରି ଆହୁରି କେତୋଟି ବହି ମଧ୍ୟ ଆଗାମୀ ଦିନରେ ପ୍ରକାଶ କରିବାର ଯୋଜନା ରହିଛି ।

ଆଶା, ଆମର ଅନ୍ୟ ସବୁ ବହି ପରି ଏ ବହିଟି ମଧ୍ୟ ସମସ୍ତଙ୍କୁ ଭଲ ଲାଗିବ ।

**ସୌମ୍ୟରଂଜନ ପଟ୍ଟନାୟକ**

# ସୂଚିପତ୍ର

**ଅନେକ ଦିନ ଉପାସ ରହିଛି**

-ପଣ୍ଡିତ ଗୋଦାବରୀଶ ମିଶ୍ର : ୦୭

**ଆମର ସିଲଟ କଲମ ନଥିଲା**

-ଡକ୍ଟର ପ୍ରାଣକୃଷ୍ଣ ପରିଜା : ୧୧

**ଭୁଲ୍ ପାଇଁ କ୍ଷମା ମାଗିବ**

-ରମା ଦେବୀ : ୧୬

**ଏ ପିଲାକୁ ଚାନ୍ଦା କରି ପଢ଼ାଇବା**

-ଡକ୍ଟର ସତ୍ୟନାରାୟଣ ରାଜଗୁରୁ : ୨୧

**ଆଉରି ବରକୋଳି ନିଅ**

-ବିନୋଦ କାନୁନ୍‌ଗୋ : ୨୬

**ବାଘ ଫାଗ କୁଆଡ଼େ ଗଲେଣି**

-ସଚ୍ଚିଦାନନ୍ଦ ରାଉତରାୟ : ୩୧

**ଶୀତଦିନେ ହେଁସ ଘୋଡ଼ି ହେଉ**

-ଗୋପୀନାଥ ମହାନ୍ତି : ୩୬

**ବୁଲି ବୁଲି ଖଦଡ଼ଲୁଗା ବିକୁ**


-ଡକ୍ଟର ଶ୍ରଦ୍ଧାକର ସୂପକାର : ୪୧

**ଆପଣ ଭାତ ଖାଆନ୍ତି ନା ସୁନା ?**

-ଡକ୍ଟର ଶ୍ରୀରାମଚନ୍ଦ୍ର ଦାଶ : ୪୬

**ପିଲାଦିନେ ପାଠଚୋର ଥିଲି**

-ସୁରେନ୍ଦ୍ର ମହାନ୍ତି : ୫୧



**ପଣ୍ଡିତ ଗୋଦାବରୀଶ ମିଶ୍ର (୧୮୮୬-୧୯୫୬)**

# 'ଅନେକ ଦିନ ଉପାସ ରହିଛି'

ଆମ ମଧ୍ୟ-ଓଡ଼ିଆ ବିଦ୍ୟାଳୟର ଦ୍ୱିତୀୟ ଶିକ୍ଷକ ମାଧବ ମିଶ୍ର ଥରେ ମତେ କହିଲେ, ଏଣ୍ଟ୍ରାନ୍‌ସ ଖଣ୍ଡକ ପାସ୍ କରିଗଲେ ମଣିଷରେ ଗଣା ହୁଅନ୍ତୁ । ମାତ୍ର ତୋ ପକ୍ଷରେ ଏ ତ ବାମନ ହୋଇ ଚନ୍ଦ୍ରକୁ ହାତ ବଢ଼ାଇବା ନ୍ୟାୟ । କ'ଣ ପଢ଼ିଛୁ ? ବହିପତ୍ର କିଣିବୁ, ଖୋରାକ ଧରିବୁ, ପ୍ରବାସରେ ଯାଇ ରହିବୁ- ଏସବୁ କରିପାରିଲେ ସିନା ହବ । ଏ ତ 'ଷାଠିଏ ପଉଟି ଘିଅ ହବ ନା ରାଧା ନାଚିବ' ।

ବର୍ତ୍ତମାନ ମାଟ୍ରିକୁଲେସନ ପରୀକ୍ଷାର ନାମ ସେ ସମୟରେ ଏଣ୍ଟ୍ରାନ୍‌ସ ଥିଲା । ମୋ ପୂର୍ବରୁ ବାଣପୁରର ଷାଠିଏ ହଜାର ଲୋକଙ୍କ ମଧ୍ୟରୁ କେବଳ ଜଣେ ଏଣ୍ଟ୍ରାନ୍‌ସ ପାସ୍

କରିଥିଲେ । ଏଣ୍ଟ୍ରାନ୍‌ସ ପାସ୍ କଲେ ଯେ ମନୁଷ୍ୟରେ ଗଣା ହୁଅନ୍ତି, ତାଙ୍କୁ ଦେଖିଲେ ଜଣାଯାଉଥିଲା । ତାଙ୍କ ଦ୍ୱାରେ ଶହ ଶହ ଲୋକ ରୁଣ୍ଡ ହୁଅନ୍ତି । ଦଶ ପଚାଶ ସରବରାକାର ତାଙ୍କ ପାଖେ ଯାଇ ଜୁଟନ୍ତି; ତାଙ୍କ ମୁହଁରୁ ପଦେ କଥା ଶୁଣିବାକୁ ଲୋକ ଚାହିଁ ରହିଥାଆନ୍ତି । ସେ ଖୋରଧା କଚେରିରେ କିରାଣି କାମରେ ରହିଥିଲେ । ତାଙ୍କ ପଛକୁ ମୁଁ ମଧ୍ୟ ଆଉ ଜଣେ ହେଇ ବାହାରିବି ବୋଲି ମୋର ପୁରୀରେ ପଢ଼ିବାବେଳୁ ଅନେକେ ଧରିନେଇଥିଲେ । ସେଥିପାଇଁ ମୁଁ ଛୁଟିରେ ଘରକୁ ଗଲେ ବରାବର ଶୁଣେ, 'ଟିକିଏ ଦୟା ରଖିବଟି !'

କିନ୍ତୁ ଦୟା ରଖିବା ଅବସ୍ଥାକୁ ଯିବା ପୂର୍ବରୁ ମୋତେ ପ୍ରଥମେ ଚନ୍ଦ୍ରକୁ ହାତ ବଢ଼ାଇବାକୁ ପଡ଼ିଲା; ଅଥଚ ମୁଁ ଦେଖିଲି ଯେ ମୋ ହାତ ପାଉନାହିଁ । ସୁତରାଂ ମାସ ମାସ ଧରି ନୈରାଶ୍ୟ ଭାବରେ ଦିନେ ଆକାଶ କୟାଁ ଓ ଚିଲିକା ମାଛର ସଂଯୋଗ ଘଟିଲା । ମୁଁ ପୁରୀରେ ନାମ ଲେଖାଇବାକୁ ଗଲି । ମୁଁ ନିତି ଅସ୍ଥାୟୀ ମାଇନର ସ୍କୁଲ୍‌ରେ ଯାଇ ବସେ । ଦିନେ ଖୋରଧାର ତହସିଲଦାର ସ୍କୁଲ୍ ପରିଦର୍ଶନରେ ଗଲେ । ମୁଁ ଉଚ୍ଚ ବିଦ୍ୟାଳୟକୁ ପଢ଼ିବାକୁ ନଯାଇ ସେଠାରେ କାହିଁକି ଘୁଷୁରୁଛି, ସେ ପଚାରିଲେ । ଶିକ୍ଷକଙ୍କଠାରୁ ଉତ୍ତର ପାଇବା ପରେ ସେ ଟିକିଏ ଭାବି କହିଲେ, 'ଆଚ୍ଛା, ମୁଁ ତାର ବ୍ୟବସ୍ଥା କରିବି ।' ଯଥା ସମୟରେ ସେ ଗୋଟିଏ ବ୍ୟବସ୍ଥା କଲେ ମଧ୍ୟ । ରାମକୃଷ୍ଣ ବୋଷଙ୍କ ନିକଟକୁ ପୁରୀକୁ ମୋ ହାତରେ ଖଣ୍ଡିଏ ଚିଠି ଦେଲେ । ରାମକୃଷ୍ଣ ବୋଷ କଟକର ସେ ଯୁଗର ଖ୍ୟାତନାମା ଓକିଲ ହରିବଲ୍ଲଭ ବୋଷଙ୍କ ପୁତୁରା । ସେ 'ଶଶିନିକେତନ'ରେ ରହୁଥିଲେ ।

ରାମକୃଷ୍ଣ ବୋଷ ଚିଠି ପଢ଼ି ମୋ ହାତରେ ପାଞ୍ଚଟି ଟଙ୍କା ଦେଇ କହିଲେ, 'ଏତିକି ନିଅ, ଆଉ ଆସିବ ନାହିଁ ।' ସେ ଜଣେ ଧର୍ମଭୀରୁ ଲୋକ । ବି.ଏ. ପାସ୍ କରି ଅର୍ଥ ଉପାର୍ଜନ ପନ୍ଥା ଛାଡ଼ି ଜଗନ୍ନାଥ ଧାମ ଆଶ୍ରୟ କରିଥାନ୍ତି ।

ମୁଁ ପୁରୀ ଜିଲ୍ଲା ସ୍କୁଲ୍‌ରେ ପଞ୍ଚମ ଶ୍ରେଣୀରେ ନାମ ଲେଖାଇଲି । ସେହି ଶ୍ରେଣୀର ନାମ ଆଜିକାଲି 'ସପ୍ତମ' ହୋଇଛି । ବର୍ତ୍ତମାନ ଉଚ୍ଚ ବିଦ୍ୟାଳୟର ଶ୍ରେଣୀ ସବୁ ନିଶୁଣିରେ ଚଢ଼ିବା କ୍ରମରେ ତଳୁ ଉପରକୁ ଗଣାଯାଉଛି; ସେ ସମୟରେ ଉପରୁ ତଳ ଆଡ଼କୁ ଗଣା ଯାଉଥିଲା । ମୁଁ ବିଦ୍ୟାଳୟରେ ପ୍ରବେଶ କଲି ଦୁର୍ଗାପୂଜା ଛୁଟିର କିଛିଦିନ ପୂର୍ବରୁ । ସେ ବର୍ଷର ବାକି କେତେ ମାସ ଓ ଚତୁର୍ଥ ଶ୍ରେଣୀର ପୂରା ବର୍ଷକ ପିତାଙ୍କୁ ଜମି ବିକି ମୋ ପଢ଼ା ଖର୍ଚ୍ଚ ଚଳାଇବାକୁ ପଡ଼ିଲା । ରାମକୃଷ୍ଣ ବୋଷଙ୍କ ପାଖକୁ ଆଉ ଥରେ ଯିବାର ସାହସ ତ ମୋର ନଥିଲା, ଇଚ୍ଛା ମଧ୍ୟ ହେଲା ନାହିଁ । ମୁଁ ପ୍ରଥମେ ତାଙ୍କ ପାଖକୁ ଯେଉଁ ଦିନ ଯାଇଥିଲି, ତାଙ୍କ ଘରୁ ଜଣେ ବାବୁ ବାହାରି ମୋତେ କହିଲେ, 'କ'ଣ ରୋଷେଇବାସ କର ? ଆମର ପୂଜାରୀ ଅଛି ।' ଯେତେ ଦରିଦ୍ର ହେଲେ ସୁଦ୍ଧା, ମୁଁ ବାପା-ମାଆଙ୍କର ଗେହ୍ଲା ପୁଅ; ସେତେବେଳେ 'ପୂଜାରୀ' ଆଖ୍ୟା ପାଇବାକୁ ପ୍ରସ୍ତୁତ ନଥିଲି । କିନ୍ତୁ ପରେ

ବାପା-ମାଆଙ୍କ ମୃତ୍ୟୁ ଉତ୍ତାରେ, କଲେଜରେ ପଢ଼ିବା ବେଳେ ମୋତେ ଅନେକ କାଳ ପ୍ରାୟ ପୂଜାରୀ ଭାବରେ ପଢ଼ାଖର୍ଚ୍ଚ ଉଠାଇବାକୁ ହେଲା ।

ପିତାଙ୍କ ପୈତୃକ ଜମି ବିକ୍ରି ଉପରେ ନିର୍ଭର କରି ମୁଁ ପଢ଼ିଲି; କିନ୍ତୁ ତାଙ୍କର ଜମି ବେଶି ନଥିଲା । ଏକରକ ଉପରେ ବିକ୍ରି ସରିଲା ପରେ ଆଉ ବାକି ରହିଲା ପ୍ରାୟ ଦେଢ଼ ଏକର । ଏବେ ସବୁ ଜିନିଷ ପରି ଜମିବାଡ଼ି ଦାମ୍ ବଢ଼ିଛି । ସେତେବେଳେ ଏକରରୁ ବେଶି ଜମି ବିକ୍ରିରୁ ମିଳିଲା ମାତ୍ର ୬୦ଟଙ୍କା । ସୁତରାଂ ମୋତେ ଖର୍ଚ୍ଚ କମାଇ ଚଳିବାକୁ ପଡ଼ିଲା । ସେତେବେଳେ ମୁଁ ଅନେକ ଦିନ ପଇସା ଅଭାବରେ ଉପବାସ ରହିଛି । ଛାତ୍ରାବାସର ରୋଷେଇ ପାଣ୍ଠିକୁ ଟଙ୍କା ନିର୍ଦ୍ଦିଷ୍ଟ ଦିନ ନଦେଲେ ଚାଉଳ ପଡ଼ିବା ବନ୍ଦ ହୋଇଯାଏ । ମୋପାଇଁ ଚାଉଳ ପଡ଼ିବା ବନ୍ଦ ହେବା ଆଦେଶ ହେବା ପୂର୍ବରୁ ମୁଁ ଅବସ୍ଥା ବୁଝି ଅନ୍ୟତ୍ର ଖାଇବି ବୋଲି ବୁଝି ଚାଲିଯାଏ ।

ସେପରି ଘଟଣାରେ ଯେଉଁଠାରେ ଖାଏ, ତାହା ସମୁଦ୍ରକୂଳ; ଯାହା ଖାଏ, ତାହା ପବନ । ଥରେ ଏହି ପରି ପବନ ଖାଇ ଦୁଇ ଦିନ ରହିଗଲି । ମାସିକ ଚାରି ଟଙ୍କାରେ ମୋର ଯାବତୀୟ ଖର୍ଚ୍ଚ ଚଳୁଥିଲା । କେବଳ ଖାଇବା ଖର୍ଚ୍ଚ ମାସକୁ ହାରାହାରି ତିନିଟଙ୍କା ଚାରିଅଣା ପଡୁଥିଲା । ମୋତେ ସ୍କୁଲ୍‌ରେ ବେତନ ଦେବାକୁ ପଡୁ ନଥିଲା । ଚାଉଳ ଟଙ୍କାରେ ମିଳୁଥିଲା କଟକୀ ୧୬/୧୭ ସେର ।

ସେ ବର୍ଷ ମୋର ଏକାଦଶ ଶ୍ରେଣୀ । ପରୀକ୍ଷା ନିମନ୍ତେ ପଢ଼ାପଢ଼ି କରିବା କଥା । ଶଶିଦାଙ୍କ ପରାମର୍ଶରେ ମୁଁ ଗ୍ରୀଷ୍ମ ଛୁଟିରେ ଘରକୁ ନଯାଇ ଛାତ୍ରାବାସରେ ରହିଲି ।

'ନନା ତ ଗଲେ, ମୋ ବୋଉ ଚାଲି ନଗଲେ ରକ୍ଷା ।' ମୁଁ ଗ୍ରାମରେ ପହଞ୍ଚି ଦେଖିଲି, ବୋଉ ଠିକ୍ ଚାଲିଯିବା ଉପରେ । ସେ ଥରେ ଆଖି ଫିଟାଇ, ମୋତେ ଚାହିଁ ଦେଇ ପୁଣି ଯେ ଆଖି ବୁଜିଦେଲା, ସେ ଆଖି ଆଉ ଫିଟିଲା ନାହିଁ । ମୋର ଆଠ ବର୍ଷ ବୟସର ଭଉଣୀଟି ସୁଦ୍ଧା ହଇଜାରେ ଆକ୍ରାନ୍ତ ହୋଇ ପଡ଼ିଥିଲା । ସବୁ ବରଦାସ୍ତ କରିବାନିମନ୍ତେ ସେ ଦୁର୍ଦ୍ଦିନରେ ଏକମାତ୍ର ଭରସା ମୋ ଅନ୍ଧୁଣୀ ବୁଢ଼ୀମା' ।

ଦରିଦ୍ର କୁଟୀରରେ ଜନ୍ମ ହୋଇଥିଲେ ସୁଦ୍ଧା ମୁଁ ନିତାନ୍ତ ଅଲିଅଳ ଥିଲି । ଦୁର୍ବଳ ମୁଣ୍ଡରେ ନିର୍ମଳ ଆକାଶରୁ ହଠାତ୍ ବଜ୍ର ପଡ଼ିଗଲା । ସେ ବଜ୍ର ମୋତେ ଅସମ୍ଭାଳ ହେବା ବେଳକୁ, ମୁଣ୍ଡ ଦେଖାଇବାପାଇଁ ଆମ ଘରେ ମୋର ସତୁରୀ ବର୍ଷ ବୟସର ବୁଢ଼ୀ ମା' । ମଫସଲି ପରଳକଢ଼ାଳି ହାତେ ପରଳ କଢ଼ାଇବା ଫଳରେ ତାଙ୍କର ଦିଓଟିଯାକ ଆଖି ଫୁଟିଯାଇଥିଲା । ତାଙ୍କ ପରଳ କଢ଼ାଇବା ଦୃଶ୍ୟ ମୁଁ ପିଲାଦିନେ ଆଖିରେ ଦେଖିଥିଲି । କିନ୍ତୁ ତା'ଠାରୁ ଆହୁରି କରୁଣ ଦୃଶ୍ୟଟିଏ ମନେ ପଡ଼ିଲେ, ଏବେ ପ୍ରାୟ ଛପନ ବର୍ଷ ପରେ ମଧ୍ୟ ମୋ ପଥର ଦେହ ଶୀତେଇ ଯାଏ । ସେ ଦୃଶ୍ୟଟି ହେଉଛି, ପିତା ଘରକୁ ଯେଉଁ ଦିନ ପାଚିଲା କଦଳୀ

ଆଣନ୍ତି, ଯୋଡ଼ିକରୁ କମ୍ ଆଣନ୍ତି ନାହିଁ । ଗୋଟିଏ ମୋପାଇଁ, ଗୋଟିଏ ବୁଢ଼ୀମା'ପାଇଁ। ମୋ ବୁଢ଼ୀମା' ତାଙ୍କର ପୋଷିଆଁ ବୋଉ । ସେ ବୁଢ଼ୀମା'ଙ୍କର ପୋଷ୍ୟ ପୁତ୍ର । ବୁଢ଼ୀମା' କଦଳୀ ଦିଓଟି ମୋ ପାଟିରେ ଦେଇ ନିଜେ ଖାଆନ୍ତି କେବଳ ଚୋପାତକ । ସେ କଦଳୀ ଚୋପା ଗୋରୁ ପାକୁଳି କଲା ପରି ପାକୁଆ ପାଟିରେ ଚୋବେଇ ଲାଗନ୍ତି ।

ଚନ୍ଦ୍ରମୋହନବାବୁ ତିନିମାସ ଛୁଟିରେ ଗଲେ । ଅସ୍ଥାୟୀ ପ୍ରଧାନ ଶିକ୍ଷକ ହେଲେ ଦ୍ୱିତୀୟ ଶିକ୍ଷକ ମାଖନଲାଲ୍ ଗାଙ୍ଗୁଲି । ମାଖନବାବୁ ଦିନେ ମୋତେ ହଠାତ୍ କହିଲେ, 'ଗୋଦାବରୀଶ, ମୁଁ ଆଜି ତୋ ଶୋଇବା ସ୍ଥାନ ଦେଖିବାକୁ ଯିବି ।' ମୁଁ ତାଟକା ହୋଇଗଲି । କେତେ ସମୟ ପରେ ମୁଁ ନିଜେ ଯାଇ ତାଙ୍କୁ ଡାକି ଆଣିଲି । ସେ ଆସି କହିଲେ, 'ମୁଁ ଭୁଲ ଖବର ପାଇଥିଲି । ଶୁଣିଲି ତୁ ଖାଲି ପଟା ଖଟରେ ଇଟାରେ ମୁଣ୍ଡ ଦେଇ ଶୋଉଛୁ । ତୋ ଅଭାବ କଥା ମୁଁ ଜାଣେ, ମାତ୍ର ଏମିତି ଚଳିବା କ'ଣ ସହଜ ? ଲୋକେ ତିଳକୁ ତାଳ କରି କହନ୍ତି ।' ତାଙ୍କର ଏ କଥା କହିବା ଯଥାର୍ଥ । ସେ ମୋ ଖଟରେ ସତରଞ୍ଜି ଉପରେ ଚାଦର ଓ ମାଣ୍ଡି ଦେଖିବାକୁ ପାଇଲେ ।

ମୁଁ ମନେକଲି, ସେ କଥା ସେତିକିରେ ସରିଲା । କିନ୍ତୁ ଦୁଇ ଚାରିଦିନ ପରେ ସେ ମୋତେ ଡାକି କହିଲେ, ଗୋଦାବରୀଶ, ତୁ ମୋ ଛାତିରେ ଗୋଟିଏ ଶର ବିନ୍ଧିଦେଲୁ । ଶଶିଦାଙ୍କର ଏତେ ପରିଶ୍ରମ ତୋପାଇଁ ପଣ୍ଡ ହୋଇଗଲା । ମୁଁ ତାଙ୍କୁ ଚିଠି ଲେଖି ଜଣାଇବି ।'

ସେତେବେଳକୁ ବିଚାରାଳୟରେ ମକଦ୍ଦମାର ଆସାମୀ ପରି ମୁଁ ନଇଁ ପଡ଼ିଲିଣି । ତଥାପି ମୁଁ ମୁହଁ ଟେକି ଉତ୍ତର ଦେଲି, 'ଆଜ୍ଞା, ମୁଁ ଆପଣଙ୍କୁ ଠକିବା ମତଲବରେ ବା ବଡ଼ଲୋକି ଦେଖାଇବାକୁ ସେପରି କରି ନଥିଲି । ମୁଁ ବୁଝିଥିଲି ଯେ ଆପଣ ପ୍ରକୃତ ଅବସ୍ଥା ଆଖିରେ ଦେଖିଥିଲେ, ନିଜର ଖଣ୍ଡିଏ ଶେଯ ପଠାଇ ଦିଅନ୍ତେ । ତେଣୁ ମୁଁ ସାଥୀ ପିଲାଙ୍କଠାରୁ ସେସବୁ ମାଗିଆଣି ଆପଣଙ୍କୁ ଦେଖାଇଲି । ମୋର ତ ଚଳିଯାଉଛି, ମୋ ଲାଗି ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ ।'

* * *

**ବିଶିଷ୍ଟ ଲେଖକ, କବି ଓ ସଂପାଦକ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଆତ୍ମଜୀବନୀ 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ'ରୁ ଉଦ୍ଧୃତ।**



**ଡକ୍ଟର ପ୍ରାଣକୃଷ୍ଣ ପରିଜା (୧୮୯୧-୧୯୭୮)**

# 'ଆମର ସିଲଟ କଲମ ନଥିଲା'

ମୋର ଗୋସେଇଁ ବାପାଙ୍କର ଭାଇ ରଘୁନାଥ ପରିଜାଙ୍କ କଥା କହୁଚି । ତାଙ୍କର ସାନ ପୁଅ ସେପରି ଚତୁର ନଥିଲେ । ସେଥିପାଇଁ ସେ ଜଣେ ମାଟିବଂଶ ଅବଧାନଙ୍କୁ ଗ୍ରାମ୍ୟ ଶିକ୍ଷକ ରୂପେ ନିଯୁକ୍ତ କରି ଆମ ଘରେ ଗୋଟିଏ ପାଠଶାଳା ଖୋଲିଥିଲେ । ମୋର ଦାଦା, ମୁଁ ଓ ଗ୍ରାମର ବହୁ ପିଲା ଏହି ପାଠଶାଳାରେ ଯୋଗ ଦେଇଥିଲୁ । ଆମର କୌଣସି ସିଲଟ, କଲମ ନଥିଲା । ବାରଣ୍ଡା ଉପରେ ମୁଣ୍ଡା ଖଡ଼ିରେ ଲେଖି ଆମେ ଅକ୍ଷର ଶିକ୍ଷା କରୁଥିଲୁ । ଖଡ଼ିରେ ଗୋଟିଏ ଅକ୍ଷର ଲେଖି ତା' ଉପରେ ଥରକୁ ଥର ଖଡ଼ି ବୁଲେଇବା ଫଳରେ ଅକ୍ଷର ଆପେ

ମନେ ରହିଯାଉଥିଲା । ପ୍ରତ୍ୟେକ ଛାତ୍ର ଭାଗରେ ଗୋଟିଏ ବର୍ଗ ଗଜ ଜାଗା ପଡୁଥିଲା । ତା'ର ନାମ ପାହି । ଜଣେ ନିଜ ପାହି ଛାଡ଼ି ଅନ୍ୟ ପାହିରେ ପ୍ରବେଶ କରିବା ମନା । ଯେତେବେଳେ ଲେଖିଲେଖି ଭୂଇଁରୁ ମାଟି ଉଠିଯାଉଥିଲା, ସେତେବେଳେ ପିଲାମାନେ ପାଳିକରି ମାଟି ଗୋବରରେ ତାକୁ ଲିପି ଦେଉଥିଲେ ।

ସାଧାରଣ ଅକ୍ଷର ଶିକ୍ଷା ପରେ ପିଲାମାନେ ଯୁକ୍ତାକ୍ଷର ଶିକ୍ଷା କରୁଥିଲେ । ଏହା ପରେ ପଣକିଆ ବା ଗୁଣନ ଶିକ୍ଷା । ଏହା ସାହାଯ୍ୟରେ ପଣ ଓ ଗଣ୍ଡା ଶିକ୍ଷା କରାଯାଉଥିଲା । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ସେତେବେଳେ ପଇସା, ଅଧଲା, ପାହୁଲା ସାଙ୍ଗକୁ କଉଡ଼ି ମୁଦ୍ରା ଆକାରରେ ଚଳୁଥିଲା । ପଣେ ବା ପଚିଶଟି କଉଡ଼ି ମିଶିଲେ ଅଣାଏ ହେଉଥିଲା । ଷୋଳ ଅଣାରେ ଗୋଟିଏ ଟଙ୍କା । ଏଥିପାଇଁ ଏହାର ନାମ ଥିଲା ପଣକିଆ ।

ପଣକିଆ ଶିକ୍ଷା ପରେ ଗୁଣନ, ଫେଡ଼ାଣ ଓ ଓଡ଼ାଙ୍କ ଶିକ୍ଷା ଦିଆଯାଉଥିଲା । ସକାଳେ ମାଟି ଚଟାଣ ଉପରେ ମୁଣ୍ଡା ଖଡ଼ିରେ ଲେଖି ପିଲାଏ ଏହା ଶିକ୍ଷା କରୁଥିଲେ । ଉପରବେଳା ଓଡ଼ିଆରେ ପଦ୍ୟ ମୁଖସ୍ଥ କରୁଥିଲେ ଓ ଟିକିଏ ଅଧିକ ପଢ଼ିଗଲେ ସଂସ୍କୃତ ଶ୍ଳୋକ ଘୋଷୁଥିଲେ । ପାଠୁଆ ପିଲାଏ ଲେଖନ ସାହାଯ୍ୟରେ ତାଳପତ୍ରରେ ଲେଖୁଥିଲେ । ଲେଖନ ହେଉଚି ଏକ ପ୍ରକାର ଲୁହାର କଲମ ଏବଂ ଏହାର ମୁଣ୍ଡ ପାଖ ଏପରି ଦାଢୁଆ ଯେ ଏଥିରେ ତାଳପତ୍ରକୁ କଟାଯାଇ ଲେଖିବା ଆକାରକୁ ଅଣାଯାଇପାରିବ । ଯେତେବେଳେ ଲେଖିବା ଦୋରସ୍ତ ହୋଇଯାଉଥିଲା ପିଲାମାନେ କାଗଜାତ୍ ଓ ହିସାବ ରଖିବା ଶିକ୍ଷା କରୁଥିଲେ । ପିଲାଙ୍କ ଭିତରେ ଯେଉଁମାନେ ଆଗୁଆ ଥିଲେ ସେମାନେ 'ଅମରକୋଷ' ଘୋଷୁଥିଲେ ।

ସଂଧ୍ୟାବେଳେ ଘଣ୍ଟାଏ କାଳ ପଣକିଆ, ଓଡ଼ିଆ ପଦ, ସଂସ୍କୃତ ଶ୍ଳୋକ ଏପରିକି 'ଅମରକୋଷ' ଆବୃତ୍ତି କରାଯାଉଥିଲା । ପିଲାମାନେ ଯାହା ମୁଖସ୍ଥ କରୁଥିଲେ ସେଥିରୁ ଖୁବ୍ କମ୍ ବୁଝୁଥିଲେ ଏବଂ ଏ ପ୍ରଣାଳୀରେ ସେମାନଙ୍କର ସ୍ମୃତିଶକ୍ତି ବଢ଼ୁଥିଲା, ଏହା ନିଃସନ୍ଦେହରେ କୁହାଯାଇପାରେ ।

## ବିଦ୍ୟାରମ୍ଭ

ଆମ ଜାତିରେ ବିଦ୍ୟାରମ୍ଭ ନାମକ ଏକ ଉତ୍ସବ ପାଳନ କରାଯାଉଥିଲା । ଏହି ଦିନଠାରୁ ପିଲା ଶିକ୍ଷା ଆରମ୍ଭ କରିବାର କଥା । ନିଜ ପରିବାରର ନାୟକ ଏହି ଉତ୍ସବରେ ପୁରୋଧା କାର୍ଯ୍ୟ କରୁଥିଲେ । ଏହି ନାୟକମାନେ ଥିଲେ ମାଟିବଂଶ ବା କ୍ଷିତିବଂଶ ଅବଧାନକୁଳର । ଏମାନଙ୍କର ପୁରୁଷାନୁକ୍ରମିକ ବୃତ୍ତି ଥିଲା ଅବଧାନି କରିବା । ଏହି ଉତ୍ସବ ଦିନରେ ବିଦ୍ୟାରମ୍ଭ କରୁଥିବା ବାଳକ ନୂଆ ଲୁଗା ପିନ୍ଧୁଥିଲା । ସରସ୍ୱତୀଙ୍କୁ ଆବାହନ କରାଯାଉଥିଲା ଓ ୬ରୁ ୨୧ଟି ପର୍ଯ୍ୟନ୍ତ ନଡ଼ିଆ ଭୋଗ ହେଉଥିଲା । ପରିବାରର ନାୟକ ବାଳକର ପ୍ରକୃତ ଶିକ୍ଷକ

ହେବେ, ଏପରି କିଛି ନିୟମ ନଥିଲା । ମୋ କ୍ଷେତ୍ରରେ ଏ ଉତ୍ସବ ବିଳମ୍ବ ହୋଇଯାଇଥିଲା । ମୁଁ ପାଠଶାଳାରେ କିଛିଦିନ ଯୋଗଦେବା ପରେ ମୋର ବିଦ୍ୟାରମ୍ଭ ଉତ୍ସବ ହୋଇଥିଲା ।

## ବେତମାଡ଼ରେ ଉପସ୍ଥାନ

ଏସବୁ ପାଠଶାଳାରେ ଯୋଗ ଦେବାର ପ୍ରଣାଳୀ ମଧ୍ୟ ବିଚିତ୍ର ପ୍ରକାର ଥିଲା । କୌଣସି ଉପସ୍ଥାନ ପଡ଼ୁନଥିଲା । କିନ୍ତୁ ନିର୍ଦ୍ଦିଷ୍ଟ ସମୟରେ ଯୋଗଦେବାପାଇଁ ଖୁବ୍ ଜୋର୍ ଦିଆଯାଉଥିଲା । ଯେଉଁ ପିଲା ଠିକ୍ ସମୟରେ ଆସୁଥିଲା ଓ ପ୍ରଥମେ ପାଠଶାଳାରେ ଆସି ପହଞ୍ଚୁଥିଲା, ତା' ପାପୁଲିରେ ଶୂନ ବା ବେତ ଛୁଆଁଇ ଦିଆଯାଉଥିଲା । ଯେ ତା' ପଛରେ ଆସୁଥିଲା, ତା' ହାତରେ ଆସ୍ତେ ଦୁଇ ପାହାର ଓ ତୃତୀୟ ବାଳକକୁ ଜୋର୍ ତିନି ପାହାର ଓ ଏହିପରି ବେତ ବସୁଥିଲା । ସବା ପଛରେ ଯେ ଆସୁଥିଲା ସେ ସବୁଠାରୁ ବେଶି ଜୋର୍‌ରେ ମାଡ଼ ଖାଉଥିଲା । ଏହା ଫଳରେ ଶୀଘ୍ର ପାଠଶାଳାକୁ ଆସିବାପାଇଁ ପିଲାଙ୍କ ମଧ୍ୟରେ ପ୍ରତିଯୋଗିତା ଲାଗୁଥିଲା ।

## ବେତମାଡ଼କୁ ଡରି ଶିକ୍ଷକ ପଳାଇଲେ

ଜଣକ ପରେ ଜଣେ ହୋଇ ମୋର ଦୁଇ ତିନି ଜଣ ଶିକ୍ଷକ ଥିଲେ । ସେମାନଙ୍କ ମଧ୍ୟରୁ କେତେକ ଅତି ନିଷ୍ଠୁର ଥିଲେ ଏବଂ ସାମାନ୍ୟ ଭୁଲ ଓ ଦୁଷ୍ଟାମିପାଇଁ କଠିନ ଦଣ୍ଡ ଦେଉଥିଲେ । ଜଣେ ଶିକ୍ଷକ ମୋତେ ଯେଉଁ ଦଣ୍ଡ ଦେଇଥିଲେ, ଏଠାରେ ମୁଁ ତା'ର ଉଲ୍ଲେଖ କରିପାରେ । ମୁଁ କ'ଣ ଦୁଷ୍ଟାମି କରିଥିଲି । ଶିକ୍ଷକ କଦଳୀ ପଟୁକାରେ ମୋର ଗୋଡ଼ ବୁଢ଼ା ଆଙ୍ଗୁଠି ଦୁଇଟିକୁ ବାନ୍ଧିଦେଇ ବେକରେ ଫାଶକୁ ଗଳାଇଦେଲେ । ଫାଶ ଦଉଡ଼ି ଛୋଟ ଥିବାଯୋଗୁଁ ଅତି କଷ୍ଟରେ ମୁଣ୍ଡ ନୁଆଁଇ ମୋତେ ବସିବାକୁ ପଡ଼ିଲା । ମୁଣ୍ଡ ଯାଇ ପ୍ରାୟ ଗୋଡ଼ରେ ଲାଗୁଥିଲା । ମୁଁ ମୁଣ୍ଡ ଏପାଖ ସେପାଖ କରି ପଟୁକାକୁ ଖସାଇବାକୁ ଚେଷ୍ଟା କଲି । ହଠାତ୍ ଦଉଡ଼ିଟି ଛିଡ଼ିଯିବାରୁ ମୁଁ ଅପ୍ରତ୍ୟାଶିତ ଭାବରେ ମୁକ୍ତି ପାଇଗଲି । ଦେଖିଲି ପାଖରେ ବେତଟା ପଡ଼ିଛି । ବେତଟାକୁ ଧରିପକେଇ ଶିକ୍ଷକଙ୍କୁ ବାଡେଇବାପାଇଁ ତାଙ୍କ ପଛେ ପଛେ ଦୌଡ଼ିଲି । ଶିକ୍ଷକଙ୍କୁ କାଛୁ କୁଣ୍ଡିଆ ହୋଇଥାଏ । ସେ ମୋତେ ଧରିବାକୁ ଚେଷ୍ଟା ନକରି ଦୌଡ଼ି ପଳାଇବାକୁ ଲାଗିଲେ । ଏତିକିବେଳେ ମୋର ଜେଜେ (ଦାଦାଙ୍କର ଦାଦା) ରଘୁନାଥ ପରିଜା ଆସି ମୋତେ ଧରିପକେଇଲେ । ଏ ଦୃଶ୍ୟ ତାଙ୍କ ପକ୍ଷରେ ଖୁବ୍ ଆମୋଦଦାୟକ ହୋଇଥିଲା; କିନ୍ତୁ ମୋର ବିଶୃଙ୍ଖଳାପାଇଁ ସେ ମୋତେ ମାଡ଼ ନ ଦେଇ ଛାଡ଼ି ନଥିଲେ । ଉଲ୍ଲେଖଯୋଗ୍ୟ ବିଷୟ ହେଉଚି, ପିଲାମାନଙ୍କୁ ନିର୍ବିଚାରରେ କଠୋର ଦଣ୍ଡ ଦେଲେ ସେମାନଙ୍କ ମନରେ ପ୍ରତିରୋଧ ଶକ୍ତି ଜାତ ହୁଏ, ଯାହାକି ମୋ କ୍ଷେତ୍ରରେ ଏପରି ବିଶୃଙ୍ଖଳା ଆକାରରେ ଦେଖାଦେଲା ।

ମୁଁ ମଧ୍ୟମ ଇଂରାଜୀ ସ୍କୁଲ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ମାସକୁ ଚାରିଟଙ୍କା ବୃତ୍ତି ପାଇଲି । ଏହା ଫଳରେ ମୁଁ ଯେଉଁ ହାଇସ୍କୁଲ୍‌ରେ ଏଣ୍ଟ୍ରାନ୍‌ସ ପରୀକ୍ଷାପାଇଁ ପଢ଼ିବି, ସେଥିରେ ମଧ୍ୟ ଫ୍ରିସିପ୍ ମିଳିବା ନିଶ୍ଚିତ ହୋଇଗଲା । ମୋର ଜେଜେ (ବାପାଙ୍କର ଦାଦା) ମୋତେ ପଢ଼ିବାକୁ କଟକ ପଠାଇଲେ ଓ ୧୯୦୪ ମସିହାରେ ମୁଁ ରେଭେନ୍‌ସା କଲିଜିଏଟ୍ ସ୍କୁଲ୍‌ରେ ଯୋଗଦେଲି ।

ସେତେବେଳେ ବସ୍ ନଥିଲା । କଟକକୁ ଯିବାକୁ ହେଲେ ଚାଲିକରି ବା ବଳଦ ଗାଡ଼ିରେ ଯିବାକୁ ହେଉଥିଲା । ଧନୀଘର ପିଲାଏ ପାଲିଙ୍କି କିମ୍ବା ସବାରିରେ ବସି ଯାଉଥିଲେ । ମୋ ପକ୍ଷରେ ଚାଲିକରି ଯିବା ଥିଲା ପ୍ରଥମ ପନ୍ଥା । ତା' ନହେଲେ କେହି ଯଦି ଧାନଶଗଡ଼ ନେଇ କଟକ ଯାଉଥିଲା, ମୁଁ ତା' ସାଙ୍ଗ ଧରି ଶଗଡ଼ରେ ବସି ଚାଲି ଯାଉଥିଲି । ସାଧାରଣତଃ ମୁଁ ଅନ୍ୟ ଛାତ୍ରମାନଙ୍କ ସାଙ୍ଗରେ କିମ୍ବା କଚେରିରେ କାମଥିବା ଗାଁ ଲୋକଙ୍କ ସାଙ୍ଗରେ କଟକ ଚାଲିଯାଉଥିଲି । ଆମ ଗାଁରୁ କଟକର ଦୂରତା ଥିଲା ୩୬ ମାଇଲ୍ । ବେଳେ ବେଳେ ଦିନକ ଭିତରେ ଆମେ କଟକରେ ପହଞ୍ଚି ଯାଉଥିଲୁ । ସାଧାରଣତଃ ୧୯ ମାଇଲ ଚାଲିଯାଇ ରାତିକ ପାଇଁ ବିଶ୍ରାମ ନେଉଥିଲୁ ଓ ତା' ଆରଦିନ ପୁଣି ଚାଲୁଥିଲୁ । ପ୍ରଥମ ଦିନ ଆମେ କେତେ ବାଟ ଚାଲିବୁ, ତାହା ନିର୍ଭର କରୁଥିଲା ରାତ୍ରି ବିଶ୍ରାମାଗାର ବା ଚଟିଘରମାନଙ୍କ ଉପରେ ।

ଚଟିଘରଗୁଡ଼ିକ ଚାଳ ଛପର ଘର ଥିଲା । ଜଣଙ୍କପାଇଁ ରାତିକ ରହିବାର ଭଡ଼ା ଥିଲା ୬ ପଇସା । ଚଟିଘରର ମାଲିକ ରୋଷେଇ କରିବାପାଇଁ ବିନା ପଇସାରେ ଗୋଟିଏ ହାଣ୍ଡି ଦେଉଥିଲା ଏବଂ ତା'ଠାରୁ କାଠ, ଚାଉଳ, ଡାଲି ପରିବା ଆଦି କିଣିବାକୁ ହେଉଥିଲା । ଆମ ସମୟରେ କଟକ ଓ ବାଲିକୁଦା ମଧ୍ୟରେ ଏହିପରି ୬ଟି ଚଟିଘର ପ୍ରାୟ ୫/୬ମାଇଲ୍ ବ୍ୟବଧାନରେ ଥିଲା ।

ଏହି ଚଟିଘରଗୁଡ଼ିକ ପରିଷ୍କାର ପରିଚ୍ଛନ୍ନ ଥିଲା ଓ ଖୁବ ଯତ୍ନରେ ରଖାଯାଉଥିଲା । ସକାଳେ ଯାତ୍ରୀମାନେ ଚାଲିଯିବା ପରେ ଘରଟିକୁ ମାଟି ଓ ଗୋବରରେ ଭଲ ଭାବରେ ଲିପି ଦିଆଯାଇ ପରବର୍ତ୍ତୀ ଦିନର ପଥିକମାନଙ୍କପାଇଁ ପ୍ରସ୍ତୁତ କରି ରଖାଯାଉଥିଲା । ଏହିସବୁ ଚଟିଘରମାନଙ୍କ ପରିଷ୍କାର ପରିଚ୍ଛନ୍ନତା ବୈଦେଶିକ ଭ୍ରମଣକାରୀମାନଙ୍କର ଦୃଷ୍ଟି ଆକର୍ଷଣ କରିପାରିଥିଲା । ମୋର ମନେଅଛି, ୧୯୧୧ ମସିହା ପରେ ଥରେ କଲିକତା ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ପ୍ରଫେସର ବ୍ରୁଲ୍‌ଙ୍କ ସହିତ ମୋର ସାକ୍ଷାତ୍ ହେଲା । ସେ ମୋତେ ଓଡ଼ିଶାର ଏହି ଚଟିଘରମାନଙ୍କ ପରିଷ୍କାର ପରିଚ୍ଛନ୍ନତା ବିଷୟରେ ପ୍ରଶଂସା କରି କହିଥିଲେ । ସେ ଜଣେ ଜର୍ମାନ୍ ଥିଲେ । ଯୁବକ ଅବସ୍ଥାରେ ଯେତେବେଳେ ଶିବପୁର ଇଞ୍ଜିନିୟରିଂ କଲେଜ୍‌ର ଅଧ୍ୟାପକ ଥିଲେ, ସେ ଓଡ଼ିଶା

ଭ୍ରମଣରେ ଆସିଥିବା ବେଳେ ଏହିପରି କେତେକ ଚଟିଘରେ ରହି ସେ ସଂପର୍କରେ ଏହି ଧାରଣା ପୋଷଣ କରିଥିଲେ ।

## ତୁମର ଭବିଷ୍ୟତ ଉଜ୍ଜ୍ୱଳ

ଏବେ ମୁଁ ଆମ ସ୍କୁଲ୍ ସଂପର୍କରେ କିଛି କହିରଖେ । ଯେତେବେଳେ ମୁଁ ରେଭେନ୍‌ସା କଲିଜିଏଟ୍ ସ୍କୁଲ୍‌ରେ ନାମ ଲେଖାଇଲି ସେତେବେଳେ ଶ୍ରୀ ମୋହିନୀମୋହନ ଚୌଧୁରୀ, ଏମ୍.ଏ. ହେଡ୍‌ମାଷ୍ଟର ଏବଂ ଶ୍ରୀ ବିଶ୍ୱନାଥ ଶତପଥୀ ସଂସ୍କୃତ ଶିକ୍ଷକ ଥିଲେ । ସେ ପୁରୁଣାକାଳିଆ ସଂସ୍କୃତ ପଣ୍ଡିତ ଥିଲେ । ମୋର ମନେଅଛି, ନାମଲେଖା ପରେ ମୁଁ ଯେତେବେଳେ ତାଙ୍କ କ୍ଲାସ୍‌କୁ ଗଲି, କ୍ଲାସ୍‌ର ଅନ୍ୟ ପିଲାମାନଙ୍କଠାରୁ ମୋର ବୟସ ଅଧିକ ଥିଲା । ଡେଙ୍ଗା ହୋଇ ତନ୍ତବୁଣା ଖଦି ଖଣ୍ଡେ ପିନ୍ଧି ଓ ବେକରେ ଚାଦର ପକାଇ କୌଣସି ଜୋତା ବା ସାର୍ଟ ନପିନ୍ଧି ମୁଁ ଯେତେବେଳେ ତାଙ୍କ କ୍ଲାସ୍‌କୁ ପଶିଗଲି, ମୁଁ ଯେପରି ସେଠାରେ ଗୋଟିଏ ବ୍ୟତିକ୍ରମ, ସେହି ଦୃଷ୍ଟିରୁ ସବୁପିଲା ମୋତେ ଚାହିଁ ରହିଲେ । ପଣ୍ଡିତ୍‌ଜୀ ସେତେବେଳେ ଶତକ ବୋଲୁଥିଲେ । ତାହା ଛାଡ଼ି ସେ ମଧ୍ୟ ମୋ ଆଡ଼କୁ ଅନାଇଲେ । ତା'ପରେ ମୋ' ନାମ ପଚାରି କହିଲେ, ''ଆସ, ବସ ! ମୋତେ ଜଣାଯାଉଛି, ତୁମର ଭବିଷ୍ୟତ ଖୁବ୍ ଉଜ୍ଜ୍ୱଳ ହେବ ।''

* * *

**ବିଶିଷ୍ଟ ଶିକ୍ଷାବିତ୍ ଓ ବୈଜ୍ଞାନିକ ଡକ୍ଟର ପ୍ରାଣକୃଷ୍ଣ ପରିଜାଙ୍କ ଆତ୍ମଜୀବନୀ 'ମୋ ଛାତ୍ର ଜୀବନର ଅନୁଭୂତି'ରୁ ଉଦ୍ଧୃତ ।**



**ରମା ଦେବୀ (୧୮୯୯-୧୯୮୫)**

# ‘ଭୁଲ୍ ପାଇଁ କ୍ଷମା ମାଗିବ’

ବାପା ତ ସରକାରୀ ଚାକିରି କରୁଥିଲେ । ସେତେବେଳେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହୋଇ ନଥିଲା । ବଙ୍ଗଳା ଓ ବିହାର ସାଙ୍ଗରେ ରହୁଥିଲା । ବାପା ଯେଉଁଠି ଥିଲେ ବି ସେ ବେମାର ହେବା ଖବର ପାଇଲେ ବଡ଼ବାପା ତାଙ୍କୁ ପାଖକୁ ନେଇ ଆସନ୍ତି- ଚିକିତ୍ସା କରାଇ ଭଲ ହେଲେ ଛାଡ଼ନ୍ତି । ବାପାଙ୍କ ସାଙ୍ଗରେ ଆମେ ମଧ୍ୟ ଆସି ବଡ଼ବାପାଙ୍କ ଘରେ ରହୁ । ବର୍ତ୍ତମାନ ଯେ ଶୈଳବାଳା ମହିଳା କଲେଜ ହୋଇଛି, ସେଇଟା ବଡ଼ବାପାଙ୍କର ବାସଗୃହ ଥିଲା । ବାପା, ମା ଓ ଆମେ ଦୁଇ ଭଉଣୀ ସେଇଠି ରହୁ । ବଡ଼ବାପାଙ୍କ ଘରେ ମିସ୍

ଦାସ୍, ମିସ୍ ହାଜରା ଓ ଚନ୍ଦ୍ର ପ୍ରଭୃତି ଥାଆନ୍ତି । ବଡ଼ବାପାଙ୍କ ଘରେ ରହିଲାବେଳେ ମିସ୍ ଦାସ୍ ଆମ ଉପରେ ମୁରବିପଣିଆ କରନ୍ତି । ବାଥ୍‌ରୁମ୍ କିପରି ବ୍ୟବହାର କରିବାକୁ ହୁଏ, ଟେବୁଲ୍‌ରେ ଖାଇବା କାଇଦା ସବୁ ଶିଖାନ୍ତି । ସଣ୍ଟଣାର ଟିକିଏ ବ୍ୟତିକ୍ରମ ହେଲେ ମିସ୍ ଦାସ ଆକଟ କରନ୍ତି । ସେ ଆକଟ ବଡ଼ବାପାଙ୍କୁ ଭଲ ନ ଲାଗିଲା ପରି ଜଣାପଡ଼େ । ସେ କହି ପକାନ୍ତି, 'ଶୈଳ ! ପିଲାଗୁଡ଼ାଙ୍କୁ କେତେ ଶାସନ କରୁଛୁ ? ଛାଡ଼ିଦେ, ବଡ଼ ହେଲେ ସେମାନେ ଆପେ କରିବେ । '

ବଡ଼ବାପାଙ୍କ ସଂଗେ ମୋ ମା'ର ସଂପର୍କ ଦେଢ଼ଶୁର ଭାଇବୋହୂ ପରି ନଥିଲା- ବାପ ଝିଅ ଭଳି ଥିଲା । ସେଥିପାଇଁ କେତେ ଲୋକ ମା'କୁ ଥଟ୍ଟାରେ କହନ୍ତି- ତମେ ଆର ଜନ୍ମରେ ପେଟା ହୋଇ ଜନ୍ମହେବ । ବଡ଼ବାପା ମା'କୁ 'ପାଲି' ଡାକନ୍ତି । ମା'ର ଡାକ ନାମ ଥିଲା 'ପାଲ' । ବଡ଼ବାପାଙ୍କ ଘରେ ଖାନସାମା ରୋଷେଇ କରନ୍ତି । କିନ୍ତୁ ବଡ଼ବାପା ଖାଇବା ବେଳେ 'ପାଲ' ହାତରନ୍ଧା ତରକାରି ଥିଲେ ଖୁସିରେ ଖାଇବେ । ଏଥିପାଇଁ ମା' ଦୋମହଲା ଛାତ ଉପରେ ଗୋଟିଏ ଉଠା ଚୁଲିରେ ପ୍ରତିଦିନ ତରକାରି, ପିଠା ଓ ଅନ୍ୟ ଜଳଖିଆ ତିଆରି କରେ । ପରଷିବା ବେଳେ ବଡ଼ବାପା କହନ୍ତି- 'ପାଲି ! ତୁ ଯଦି ଖୁସି ହେବୁ ମୋ ପେଟ ପୂରିଲେ ମଧ୍ୟ ମୁଁ ଗୋଟିଏ ସନ୍ଦେଶ ଖାଇବି ।' ବଡ଼ବାପା କାକରା ପିଠାକୁ ଭଲ ପାଆନ୍ତି । ମା' ସେ ପିଠା କରେ, ସେ ଖୁସିରେ ତାହାକୁ ଖାଆନ୍ତି । କିନ୍ତୁ ବରାବର କହନ୍ତି- ମୋ ବୋଉ ହାତରନ୍ଧା ପିଠା ପରି ଲାଗୁନାହିଁ । ମିସ୍ ଦାସ ଦିନେ ଦିନେ ମା'କୁ ପଚାରନ୍ତି- ଏ ତରକାରି କେମିତି ରାନ୍ଧିଲ ? ଏ ମିଠା କାହିଁରେ ତିଆରି ଇତ୍ୟାଦି । ଦିନେ ଦିନେ ବଡ଼ବାପା ଥଟ୍ଟାରେ କହନ୍ତି- କ'ଣ ତେଲ ମସଲାରେ ତରକାରି ସୁଆଦ ହୁଏ କି ? ଖୁଆଇବାର ଶରଧା ବା ସଉକ ସୁଆଦ କରେ ।

ଆମେ ପ୍ରାୟ ପ୍ରତିଦିନ ଚାରିଟା ବେଳେ ବଡ଼ବାପାଙ୍କ ସାଙ୍ଗରେ ଗାଡ଼ିରେ ବୁଲିଯାଉ । କେହି ଜଣେ ବଡ଼ ମଣିଷ ଆମ ସାଙ୍ଗରେ ଯାଆନ୍ତି । ଅଧିକାଂଶ ଦିନ ବଡ଼ବାପାଙ୍କ ସହିତ ଟ୍ୟାନେରୀ ଯାଉ । ସେ ତାଙ୍କ କାମ କରନ୍ତି । ଆମକୁ ଜଣେ ବୁଲେଇ କେଉଁଠି କି କାମ ହେଉଥାଏ ବୁଝାଇ କହିଦିଏ । ଦିନେ ଗୋଟାଏ କେଉଁଠିକି ଭଲ ଜାଗାକୁ ଯିବାର ଥାଏ । ଆମେ ଲୁଗାପଟା ପିନ୍ଧାରେ ବ୍ୟସ୍ତ ଥାଉ । ଶିଡ଼ିରେ ବଡବାପାଙ୍କ ଜୋତା ଶବ୍ଦ ହେଲା । ସଂଗେ ସଂଗେ ଡାକ ଶୁଣିଲୁ- 'କିରେ, କ'ଣ କରୁଛ ? ମୁଁ ଆସିଲିଣି, ଆସ ।' ସେ ତାଙ୍କ ବସିବା ଘରେ ଯାଇ ବସିଲେ । ଅଳ୍ପ ସମୟ ପରେ କୁଆଡ଼େ ଚାଲିଗଲେ । ବାପା ଆମକୁ ଡାକି କହିଲେ, 'ବଡ଼ବାପା ଡାକିଲେ, କାହିଁକି ଆସିଲ ନାହିଁ? ଭାରି ଭୁଲ୍ କଲ । ଆଉ ଦିନେ ଏପରି କରିବ ନାହିଁ । ବଡ଼ବାପା ନ ଆସିବା ଯାଏ ତୁମେ ବୁଲିଯିବ ନାହିଁ । ସେ ଆସିବା ସଂଗେସଂଗେ ତାଙ୍କ ପାଖକୁ ଆସିବ ଓ ଏ ଭୁଲପାଇଁ କ୍ଷମା ମାଗିବ ।'

କିଛି ସମୟ ପରେ ବଡ଼ବାପା ଆସିଲେ । ସେ ଆସିବା କ୍ଷଣି ପଚାରିଲେ- 'ମାଙ୍କଡ଼ ଦି'ଟା ଗଲେ କୁଆଡ଼େ ?' ମା କହିଲା, 'ଆପଣ ଡାକିଲେ, ସେମାନେ ଆସିଲେ ନାହିଁ ବୋଲି ଗାଳି ଖାଇ କାନ୍ଦୁଛନ୍ତି ।' ସଂଗେ ସଂଗେ ବଡ଼ବାପା ଆମ ପାଖକୁ ଗଲେ ଏବଂ ମୋତେ ଟେକିଦେଇ ଉପରକୁ ଫୋପାଡ଼ିଦେଇ ଧରିନେଲେ । ଖୁବ୍ ଗେଲ କରି କହିଲେ, 'ଯେ କେହି ଡାକିଲେ ତାକୁ ସାଙ୍ଗେ ସାଙ୍ଗେ ଜବାବ ଦେବ ଓ ତା' ପାଖକୁ ଆସିବ । ସେପରି ନକଲେ ଅଭ୍ୟାସ ଭାରି ଖରାପ ହୋଇଯିବ । 'ବାପାଙ୍କୁ ଡାକି କହିଲେ, 'ଗୋପାଳ, ତୋ ଝିଅମାନେ ଶାସ୍ତି ପାଇଲେଣି । ତୁ ଅନୁମତି ଦେ, ବୁଲିଯିବେ ।' ଏହା କହି ସାଙ୍ଗରେ ତାଙ୍କ ଗାଡ଼ିରେ ବୁଲାଇ ନେଇଗଲେ ।

ମୁଁ ସାତ ଆଠ ବର୍ଷର ହୋଇଥାଏ । ଧୋବଣୀ ଲୁଗା ନେଇ ଆସିଲା । ମୁଁ ତାକୁ ପଚାରିଲି- 'ତୁ କି ଜାତି' ? ମୋର ଏତିକି କଥା ବାପା ଶୁଣି ପାରିଲେ । ସଂଗେସଂଗେ ମୋ ପାଖକୁ ଚାଲିଆସି କହିଲେ, 'ଶାଶୂଖାଇ ! ଜାତିକଥା କାହାକୁ ପଚାରନ୍ତି ନାହିଁ । ତୁ ଆଉ ଦିନେ କାହାକୁ କେବେ କେଉଁ ଜାତି ବୋଲି ପଚାରିବୁ ନାହିଁ ।' ସେ କଥା ଆଜି ପର୍ଯ୍ୟନ୍ତ ମୋ ମନରେ ରହିଛି । ଆଉ କେବେ କାହାକୁ ଜାତି କଥା ପଚାରିନାହିଁ ।

ବଡ଼ ପୂଜାରୀଙ୍କଠାରୁ ରୋଷେଇ ଶିଖିବାପାଇଁ ଆମ ଘରେ ଛୋଟ ଛୋଟ ପୂଜାରୀ ରହୁଥିଲେ । ଦିନେ କ'ଣ ଗୋଟିଏ କାମ ବତାଇଲି । ସେ ନମାନିବାରୁ ମୁଁ କହିଲି, 'ତମେ ଚାକିରି କରିଛ, କଥା କାହିଁକି ମାନିବ ନାହିଁ ?' ଏ କଥା ବାପା ଶୁଣିପାରିଲେ । ସେ ସଙ୍ଗେ ସଙ୍ଗେ ମୋ ପାଖକୁ ଆସି କହିଲେ, 'ସେ ଆମ ପାଖରେ ଚାକିରି କରିଛି ସତ, ସେ କଥା ଜାଣୁଥିଲେ ବି ଆମେ ତାକୁ କହିବା ଉଚିତ ନୁହେଁ- ତା' ମନକୁ ବାଧିବ । ଗରିବ ଲୋକ ବୋଲି ସାନ ପିଲାଟିକୁ ଚାକିରି କରିବାକୁ ପଠାଇଛି । ତା' ମୁହଁରେ ସେପରି କହିଲେ ତା' ମନରେ କେତେ କଷ୍ଟ ହେବ ! କଥା କହିଲା ବେଳେ ଭାବିବ, ଆମ କଥା ତା' ମନରେ କଷ୍ଟ ଦେବକି ନାହିଁ ।'

ମୋ ପିଉସୀଙ୍କଠାରୁ ଶୁଣିଛି, ମୋ ଉପର ଭଉଣୀକୁ ବାପା ପୂଜାରୀ ସାଙ୍ଗରେ ଦେବୀ ଦେଖିବାକୁ ପଠାଇଲେ । ସେ ଦେବୀ ଦେଖି ଫେରିଲେ । ବାପା ପଚାରିଲେ- 'ମା ! ତୁ କ'ଣ ଦେଖିଲୁ କହିଲୁ ?' ଅପା ସେ କଥା ନଶୁଣି କହିବାକୁ ଲାଗିଲା, 'ବାପା ! ନନା ମୋତେ ଦେଲେ ନାଲି ନାଲି ମିଠା, ଖାଇଦେଲି, ପାଣିପରି ବୋହିଗଲା । ବାପା କଥାର ତାତ୍ପର୍ଯ୍ୟ ବୁଝି ପୂଜାରୀଙ୍କୁ ଗୋଟିଏ ଚାପୁଡ଼ା ପକାଇଲେ । ଅପା କାନ୍ଦି ଉଠି କହିଲା- 'ବାପା ! ତମେ ଆମ ନନାକୁ ମାରିଲ । ତାକୁ କାଟିଥିବ । ତାକୁ କାଇଁକି ମାଇଲ ?' ବାପା କୁଆଡ଼େ ତା'ପରେ ଆଉ କେବେ ଚାକର ପୂଜାରୀଙ୍କୁ ମାରି ନଥିଲେ ।

ଜେଲ୍ ବିଷୟରେ ଆମର ଧାରଣା ଥାଏ- କାରଣ ବାପା ମଝିରେ ମଝିରେ ଜେଲ୍ ପରିଦର୍ଶନରେ ଯା'ନ୍ତି । ଆମ ଦି' ଭଉଣୀଙ୍କୁ ସାଙ୍ଗରେ ନିଅନ୍ତି । ବାପା ଅଫିସ୍‌ରେ ରହନ୍ତି । ଅଫିସ୍‌ରୁ ଲୋକ ଆମକୁ ନେଇ ଜେଲ ଭିତର ଦେଖାନ୍ତି । ଖୁଦିରାମଙ୍କୁ ମୁଁ ଜେଲ୍‌ରେ ଦେଖିନାହିଁ । ଖୁଦିରାମଙ୍କ ମା' ଆସିଲେ ପୁଅକୁ ଦେଖିବାପାଇଁ । ସମସ୍ତଙ୍କ ମୁହଁରେ ସେହି କଥା । ଖୁଦିରାମଙ୍କ ପ୍ରତି କିମିତି ଗୋଟିଏ ମାୟା ଜମିଯାଇଥାଏ । ସେ ଫାଶୀ ପାଇବେ ଶୁଣି ମନେ ମନେ ଭାରି ଦୁଃଖୀ ହେଲି । ବାପାଙ୍କୁ ଅତି ଡରି ଡରି କହିଲି, 'ଆମେ ଖୁଦିରାମଙ୍କୁ ଦେଖନ୍ତେ !' ବାପା ଗୋଟିଏ ଭୁରୁଡ଼ି ପକାଇ କହିଲେ, 'ଦୁର୍ ଶାଶୂଖାଇ ! ତମକୁ ଦେଖିବାପାଇଁ ଛାଡ଼ିବେ ନାହିଁ ।' କେହି ଲୋକ ଫାଶୀ ପାଇଲେ ବାପା ଫାଶୀ ପାଇବା ସ୍ଥାନରେ ଉପସ୍ଥିତ ରହିବାପାଇଁ ଯାଆନ୍ତି । ତାଙ୍କ ଉପରେ ସେ ଦାୟିତ୍ୱ ଥାଏ । ଭୋର୍ ତିନିଟାରୁ ଉଠି ପୋଷାକ ପିନ୍ଧି ଜେଲ୍‌ଖାନାକୁ ଯାଆନ୍ତି । ଖୁଦିରାମଙ୍କ ଫାଶୀ ଦିନ ନିକଟ ହେଲା । ଆମେ ତାଙ୍କରି କଥାରୁ ଜାଣିଲୁ, ଫାଶୀ ପୂର୍ବ ଦିନ ଲୋକକୁ ତା' ଶେଷ ଇଚ୍ଛା କ'ଣ ପଚରାଯାଏ ଓ ସେ ଯାହା କହେ ତାହା ଆଇନସଂଗତ ହୋଇଥିଲେ ପୂରଣ କରାଯାଏ । ଆଜି ରାତି ପାଆନ୍ତାରେ ଖୁଦିରାମଙ୍କ ଫାଶୀ ହେବ, ଏ କଥା ମୁହୂର୍ତ୍ତକପାଇଁ ମନରୁ ଯାଇ ନଥାଏ । ମନ କ'ଣ ହେଇଯାଉଥାଏ । କାନ୍ଦ ମାଡ଼ୁଥାଏ । ମା'କୁ ଯାଇ କହିଲୁ- ସେ ବାପାଙ୍କୁ ମନାକରୁ, ବାପା ଫାଶୀ ବେଳେ ହାଜର ରହିବାକୁ ନ ଯାଆନ୍ତୁ । ମା' କହିଲା- 'ତମେ କୁହ' । ଅତି ଡରି ଡରି ବାପାଙ୍କ ଟେବୁଲ୍ ପାଖରେ ଠିଆହେଲୁ । ଅପା ମୋତେ ଠାରୁଥାଏ ଯେ କଥାଟା ମୁଁ କହେ । କେତେ ସମୟ ଠିଆ ହୋଇ ରହିଲାରୁ ବାପା ପଚାରିଲେ, 'କ'ଣ କହିବାକୁ ଆସିଛ କହୁନା ।' ସାହସ କରି ମୁଁ ହଠାତ୍ କହିଦେଲି, 'ଖୁଦିରାମ ଫାଶୀ ବେଳକୁ ତମେ ଯାଅନା ।' ବାପା କହିଲେ, 'ଆଉ କିଏ ଯିବ ?' ତା'ର ଜବାବ ଆମ ପାଖରେ ନଥିଲା । ବାପା ଆମ ମୁଣ୍ଡରେ ହାତ ବୁଲେଇ ଦେଇ କହିଲେ, 'ମୁଁ ଯିବି ନାହିଁ ।' ବାପା ଭାରି ଗମ୍ଭୀର ଦେଖାଯାଉଥାନ୍ତି । ସେ ଅଧିକାଂଶ ଦିନ ରାତିରେ ମୋକଦ୍ଦମା ରାୟ ଲେଖନ୍ତି, ସେଦିନ ବି ଲେଖୁଥିଲେ । ଯଥା ସମୟରେ ଖୁଦିରାମଙ୍କର ଫାଶୀ ହେଲା ।


ଆମେ ପିଲାଦିନରୁ ବରାବର ଦେଖିଲୁ ଯେ, ଚାକର, ପୂଜାରୀ, ଚପରାସୀ କିଛି ଦୋଷ କଲେ ସେମାନେ ଗାଳି ଖାଇବେ। ମା' ଏହି ଭୟରେ କଥା ଲୁଚାଇ ବାପା ଯେପରି ନ ରାଗିବେ ସେହିପରି କହେ । କ୍ରମେ କ୍ରମେ ଆମେ ବି ସେଥିରେ ଅଭ୍ୟସ୍ତ ହେଲୁ ଏବଂ ଚାକର, ପୂଜାରୀ ତା'ର ସୁବିଧା ନେଲେ । ରୋଷେଇ କିଛି ଖରାପ ହେଲେ ବାପା ଯଦି ପଚାରିବେ- 'ଏପରି କାହିଁକି ହୋଇଛି ?' ପୂଜାରୀ କହିବେ, 'ଦେଈ ଭଲପାଆନ୍ତି ବୋଲି ସେପରି

କରିଛି ।' ପୂଜାରୀ ଆମ ମୁହଁ ଉପରେ କୁହନ୍ତି, ଆମେ କିଛି କହୁନାହିଁ । ଚାକର ଯଦି ଠିକ୍ କାମ ନ କରିଛନ୍ତି ତ ବାପା ପଚାରନ୍ତି- 'ଏ କାମ କାହିଁକି ହୋଇନାହିଁ ?' ଚାକର କହିବେ, 'ଦେଇ ଆଉ ଗୋଟିଏ କାମ କହିବାରୁ ଏଇଟା କରିନାହିଁ ।' ଏହିପରି ମିଛ କହି ସେମାନେ ଗାଳିରୁ ରକ୍ଷା ପାଆନ୍ତି ।

ପିଲାଦିନେ ମୁଁ ଭାରି ଖେଳପ୍ରିୟ ଥିଲି । କିନ୍ତୁ ଖେଳରେ ହାରିଲେ କାନ୍ଦି ପକାଏ । ବାପା ଛୁଟିଦିନେ ତାସ୍, ସତରଞ୍ଜ ବା କଉଡ଼ି ଖେଳିବାକୁ ବସିବେ । ବାପାଙ୍କ ସାଙ୍ଗରେ ଅପା ଓ ମା' ସାଙ୍ଗରେ ମୁଁ ରହେ । ଖେଳ ବେଳେ ଗୋଟିଏ ପାଛିଆରେ କମଳା, ଅଙ୍ଗୁର ପ୍ରଭୃତି ଫଳ ରଖାଯାଇଥିବ । ହାରିବା ଜିତିବା ତ ବାପାଙ୍କ ହାତରେ । ଦିନେ ଦିନେ ସେ ମୋତେ ହରାଇଦେଇ କହିବେ- 'ତୁ ଯଦି ନ କାନ୍ଦିବୁ ତେବେ ଫଳ ତୁ ଖାଇବୁ, ଯଦି କାନ୍ଦିବୁ ତେବେ ମୁଁ ଖାଇବି ।' ଦିନେ ଦିନେ ସେ ଜିତନ୍ତି ତ ମୋତେ ନ ଦେଇ ଫଳକୁ ଦେଖେଇ ଦେଖେଇ ବାପା ଓ ଅପା ଖାଆନ୍ତି । ଏମିତି କରି କରି ମୋ କାନ୍ଦିବା ଛଡ଼ାଇ ଦେଲେ ।

* * *

**ମା' ରମାଦେବୀ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ସାନଭାଇ ଗୋପାଳ ବଲ୍ଲଭ ଦାସଙ୍କ ଝିଅ । ତାଙ୍କ ଆତ୍ମଜୀବନୀ 'ଜୀବନ ପଥେ'ରୁ ଏହି ଅଧ୍ୟାୟ ଉଦ୍ଧୃତ ।**



**ଡକ୍ଟର ସତ୍ୟନାରାୟଣ ରାଜଗୁରୁ (୧୯୦୩-୧୯୯୭)**

# 'ଏ ପିଲାକୁ ଚାନ୍ଦା କରି ପଢ଼ାଇବା'

ଠିକ୍ ପାଞ୍ଚ ବର୍ଷ ବୟସରେ ମୋର ବିଦ୍ୟାରମ୍ଭ ହୋଇଥିଲା। ସେତେବେଳେ ମୋର ଜେଜେବାପାଙ୍କର ଆଦେଶକ୍ରମେ ବୈଦିକ ରୀତି ଅନୁସାରେ କର୍ଣ୍ଣବେଧ ମଧ୍ୟ ହୋଇଥିଲା। ନରସିଂହ ମିଶ୍ର ନାମକ ଜଣେ ଶିକ୍ଷକ ମୋତେ ବର୍ଣ୍ଣବୋଧ ପଢ଼ାଇବାକୁ ଲାଗିଲେ । ଆମ ଗୃହର ଅଳ୍ପ ଦୂରରେ ଗୋଟିଏ ଉଚ୍ଚ ପ୍ରାଥମିକ ସ୍କୁଲ୍ (ଆଧୁନିକ ଶ୍ୟାମସୁନ୍ଦର ରାଜଗୁରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ)ରେ ମୋର ନାମ ଲେଖାହେଲା । ଶ୍ରୀ ନରସିଂହ ମିଶ୍ର ସେଇ ସ୍କୁଲ୍‌ର ଜଣେ ଶିକ୍ଷକ ଏବଂ ପ୍ରତ୍ୟହ ରାତି ଠିକ୍ ୭ଟା ବେଳେ ଆମ ଘରକୁ ଆସି ସେ

ମୋତେ ଓ ମୋର ଜଣେ ଗରିବ ସାଙ୍ଗଙ୍କୁ ପଢ଼ାଉଥାଆନ୍ତି । ଏଠାରେ ଗୋଟିଏ ଅତି କୌତୂହଳ ବିଷୟ ଉଲ୍ଲେଖ ନକରି ରହିପାରୁନାହିଁ । ଯେଉଁ ଗରିବ ଛାତ୍ରଟି ମୋ ସଙ୍ଗେ ପଢ଼ିବାକୁ ଆସନ୍ତି, ତାଙ୍କୁ ମାସିକ କିଛି କିଛି ପାରିଶ୍ରମିକ ଦିଆଯାଉଥିଲା । କେବଳ ସେତିକି ନୁହେଁ, ମୋର ଜେଜେ ମା' ପର୍ବପର୍ବାଣି ବେଳେ ଯେତେସବୁ ଖଜା ପିଠା ହୁଏ, ସେଥିରୁ କିଛି ସେ ପିଲାକୁ ଦିଅନ୍ତି । ଜେଜେମାଆଙ୍କର ଶ୍ରଦ୍ଧା ତା' ପ୍ରତି କାହିଁକି ଏତେ ହୋଇଥିଲା, ତାହାର କାରଣ ସେତେବେଳେ ମୁଁ ବୁଝି ପାରୁ ନଥିଲି । କିନ୍ତୁ ବହୁ ବର୍ଷ ପରେ କଳାହାଣ୍ଡିରେ ମୁଁ ଗୋଟିଏ ସମ୍ବାଦ ପାଇ ତାହାର ମର୍ମ ବୁଝି ପାରିଲି । ଆମେ ପଢ଼ିଲାବେଳେ ଯେତେବେଳେ କିଛି ଦୁଷ୍ଟାମି କରୁ କିମ୍ବା ପଢ଼ାରେ ଭୁଲ୍‌ଭାଲ୍ ହୁଏ, ସେତେବେଳେ ମୋ ପିଠିରେ ବେତ୍ରାଘାତ ନହୋଇ ନରସିଂହ ମିଶ୍ରଙ୍କ ବେତ୍ର ସେହି ଗରିବ ଛାତ୍ରର ପିଠିରେ ଦାଗ ଦେଇଥାଏ । ମୋ ସାଥୀ ପିଲାଟି ସେତେବେଳେ କାନ୍ଦିକାନ୍ଦି କହେ, 'ଆଉ ମୁଁ କେବେ ଏମିତି କରିବିନି, ମୋତେ ମାରନି ।' କିମ୍ବା ମୋ ଦୋଷରୁ ଯଦି ସେ ମାଡ଼ ଖାଇଥାଏ, କହେ, 'ଆଜ୍ଞା ମୁଁ କରିନି । ବାବୁ କରିଛନ୍ତି ।' (ସେ ମୋତେ ବାବୁ ବୋଲି ଡାକେ) ହାୟ ! କି ନିର୍ମମ ବିଧାନ ସେ ! ମୁଁ ଦୋଷ କଲି ଅଥଚ ଅନ୍ୟ ଜଣେ ଶିଶୁ ନିର୍ମମ ମାଡ଼ ଖାଇ ମୋତେ ଚେତାଇ ଦେଉଛି ଦୁଷ୍ଟାମି ନକରିବାକୁ । କଳାହାଣ୍ଡିରେ ଯେଉଁ ସମ୍ବାଦଟି ମୁଁ ପାଇଥିଲି ତାହା ହେଉଛି, ଗଡଜାତ ରାଜାମାନଙ୍କର ପିଲାମାନେ ଯେତେବେଳେ ପାଠ ପଢ଼ିବାକୁ ଯାଆନ୍ତି ତାଙ୍କ ସହିତ ଏପରି କେତୋଟି ନିରୀହ ବେତନଭୋଗୀ ଛାତ୍ରଙ୍କୁ ପଠାଇ ଦିଆଯାଏ । ରାଜକୁମାରଙ୍କ ଦୁଷ୍ଟାମିଯୋଗୁଁ ଯେଉଁ ଶାସ୍ତି ଦିଆଯାଏ ତାହା ସେହି ଗରିବ ଛାତ୍ରଙ୍କୁ ମିଳେ । ଅର୍ଥାତ୍ ଦୁଷ୍ଟାମି କଲେ ଯେଉଁ ଦଣ୍ଡ ତାହା ରାଜକୁମାରମାନଙ୍କ ସମ୍ମୁଖରେ ଆଦର୍ଶ ରୂପେ ଦେଖାଇ ଦିଆଯାଏ । ଅର୍ଥାତ୍ ରାଜକୁମାରମାନଙ୍କ ଶାରୀରିକ କଷ୍ଟ କିଛି ହୁଏ ନାହିଁ । ଠିକ୍ ସେହି ନୀତିରେ ମୋ ସାଙ୍ଗ ପିଲାଟି ମଧ୍ୟ ନିଯୁକ୍ତ ହୋଇଥିବାର ଜଣାଯାଏ । ତେଣୁ ମୋର ଜେଜେମା ସେଥିର କ୍ଷତିପୂରଣ ରୂପେ ସେ ପିଲାଟିକୁ ସନ୍ତୋଷ କରିବାକୁ ଜାମା, ଲୁଗାପଟା ଓ ଖଜାପିଠା ଦେଇ ସ୍ନେହ କରନ୍ତି ।

ଦିନେ ସେହି ଗରିବ ଛାତ୍ରକୁ ବେତ୍ରାଘାତ ହେଲା, ଯାହାକି ତା' ପକ୍ଷରେ ଅସମ୍ଭାଳ । ପରଦିନ ସକାଳୁ ସେ କାନ୍ଦି କାନ୍ଦି ମୋ ପାଖକୁ ଆସି କହିଲା, 'ବାବୁ ! ଏ ମାଷ୍ଟ୍ରଟା ବଡ଼ ଦୁଷ୍ଟ । ଏହାକୁ ଏଥର ତଡ଼ିଦେବା ।' ମୁଁ ଆଶ୍ଚର୍ଯ୍ୟ ହୋଇ ପଚାରିଲି, 'କିପରି ?' ସେ କହିଲା, 'ଦେଖ' । ସେ ପାଠ ପଢ଼ାଉଥିବେ, ସେତିକିବେଳକୁ ମୁଁ ଦୀପଟା ଫୁଙ୍କିଦେବି, ଅନ୍ଧାର ହେଲେ ତୁମେ ତାର ଆଙ୍ଗୁଠି କାମୁଡ଼ିଦେବ ।' ମୁଁ ଟିକିଏ ଚମକି ପଡ଼ିଲି । ଏହା କିପରି ସମ୍ଭବ ? ସେ କହିଲା, 'ନରସିଂହ ମିଶ୍ର ପର୍ଶୁରାମପୁର ଗାଁରୁ ଆସି ପାରଳାଖେମୁଣ୍ଡିରେ ପିଲାମାନଙ୍କୁ ବାଡ଼େଉଛି । ଆମେ ସବୁ ପିଲାଏ ଏକଥା ବିଚାର କରିଛୁ । ଏହାକୁ ଏଠାରୁ ଘଉଡ଼ି ଦେବା ।' ସେଦିନ ରାତିରେ ଠିକ୍ ଆମର ମସୁଧା ଅନୁସାରେ ଦୀପ ଲିଭିଲା ଓ ନରସିଂହ ମିଶ୍ରଙ୍କ କାଣି ଆଙ୍ଗୁଠିରେ ମୋର ଚୋଟ ବସିଲା । ଶିକ୍ଷକ ଅବାକ୍ । ଅପ୍ରତ୍ୟାଶିତ ଘଟଣାରେ ସେ ଆମକୁ ମାରିବେ କ'ଣ, ଦଉଡ଼ି ଘରକୁ ପଳାଇଗଲେ ।

ମୋର ମନେ ଅଛି, ବ୍ରତ-ବେଶରେ ଅର୍ଥାତ୍ ମୁଣ୍ଡରେ ମୁକୁଟ ପିନ୍ଧି, ହଳଦିଆ ପାଟ ଓ ଦୀର୍ଘ ଦଣ୍ଡ ଧରି ଯେତେବେଳେ ମୁଁ ରୁଷାଣି ଗଲି, ଠିକ୍ ସେଇ ବେଶରେ ରାଜନବରକୁ ମୋତେ ନେବାକୁ ଜେଜେବାପା ପ୍ରସ୍ତାବ କଲେ । ବୋଧେ ମହାରାଜା କୃଷ୍ଣଚନ୍ଦ୍ର ଦେବଙ୍କ ଇଚ୍ଛାକ୍ରମେ ଏ ପ୍ରସ୍ତାବ ହୋଇଥିଲା । ଯଥା ସମୟରେ ଜେଜେବାପାଙ୍କ ସଂଗେ ମୁଁ ନଅରକୁ ଯାଇ ଯେତେବେଳେ ବୁଢ଼ା ରଜା ପ୍ରତାପରୁଦ୍ରଙ୍କ ସମ୍ମୁଖରେ ଉପସ୍ଥିତ ହେଲି, ସେ ମୋତେ ଚାହିଁ ଜେଜେବାପାଙ୍କୁ ପଚାରିଲେ, 'ମୁକୁଟର ତାତ୍ପର୍ଯ୍ୟ କ'ଣ ? ରାଜାମାନେ ସିନା ମୁକୁଟ ପିନ୍ଧନ୍ତି ? ବ୍ରାହ୍ମଣମାନଙ୍କର ମୁକୁଟରେ କି ଅଧିକାର ?' ଜେଜେବାପା ଉତ୍ତର ଦେଇ କହିଲେ, 'ରାଜାଙ୍କ ମୁକୁଟ ରତ୍ନମଣ୍ଡିତ । କାରଣ ସେ ରାଜବିଭବର ଅଧିକାରୀ । କିନ୍ତୁ ବ୍ରାହ୍ମଣର ମୁକୁଟ ତାଳପତ୍ର, ଯେହେତୁ ସେ ପୋଥିର ଅଧିକାରୀ । ଯେ ଯେଉଁ ବିଷୟରେ ପାରଙ୍ଗମ, ତା'ର ସେହି ବିଷୟ ହିଁ ପ୍ରତୀକ ରୂପେ ଚିହ୍ନିତ ହୁଏ ।' ଏହା ପରେ ରାଜା ପଚାରିଲେ, 'ବ୍ରାହ୍ମଣର ଯଜ୍ଞୋପବୀତ ଏବଂ ବ୍ରହ୍ମଗଣ୍ଠିର ତାତ୍ପର୍ଯ୍ୟ କ'ଣ ?' ଜେଜେବାପା ଉତ୍ତର ଦେଲେ, 'ବ୍ରତ ଶବ୍ଦର ମୂଳ ଅର୍ଥ ହେଉଛି ବ୍ରହ୍ମଚର୍ଯ୍ୟ ରକ୍ଷା । ଏହାର ସୁରକ୍ଷାପାଇଁ ଯେଉଁ ସଂକଳ୍ପ ତାହା ହିଁ ବ୍ରହ୍ମଗଣ୍ଠି ଅର୍ଥାତ୍ ଆଜିଠାରୁ ବାଳକ ପ୍ରତିଜ୍ଞା କରୁଛି ଯେ, ସେ କୌଣସିମତେ ବ୍ରହ୍ମଚର୍ଯ୍ୟ ଦୀକ୍ଷାରୁ ସ୍ଖଳିତ ହେବନାହିଁ । ଏହି ବ୍ରତ ପାଳନ ହିଁ ବ୍ରାହ୍ମଣମାନଙ୍କ ବ୍ରତର ମୂଳ ନୀତି ।' ରାଜା ପଚାରିଲେ- 'ଦଣ୍ଡଧାରଣ ଓ ବଲ୍‌କଳ ପିନ୍ଧିବାର ଉଦ୍ଦେଶ୍ୟ କ'ଣ ?' ଜେଜେବାପା ଉତ୍ତର ଦେଲେ- 'ପୂର୍ବେ ଦଣ୍ଡୀ ଭିକ୍ଷୁ ଓ ସନ୍ନ୍ୟାସୀମାନେ ଲଣ୍ଡିତ ମସ୍ତକରେ ଦଣ୍ଡଧାରଣ କରି ଯେପରି ଯାତ୍ରା କରୁଥିଲେ, ତାହାର ଅନୁକରଣରେ ବର୍ତ୍ତମାନ ଏ ବାଳକ ଗୁରୁଗୃହକୁ ପ୍ରେରିତ ହେବାର ଏ ନିଦର୍ଶନ ।' ରାଜା ଅତି ଆନନ୍ଦରେ ପଚାରିଲେ- 'ଏ ତ ଗୁରୁଗୃହକୁ ଯାଉଛି; କିନ୍ତୁ ଫେର୍ ନିଜ ଗୃହକୁ ନେଉଛ କିପରି ?' ଏଠାରେ ଜେଜେବାପା ଟିକିଏ ହସି ଦେଇ କହିଲେ- 'ପୂର୍ବର ସେ କଥା ପୁରାଣରେ ଲୁଚିଗଲାଣି । ସେଇ ପ୍ରାଚୀନ ପ୍ରଥାର ଏହା ଗୋଟିଏ ଧ୍ୱଜ ମାତ୍ର । ଏବେ ପିଲାର ମାମୁ ତାକୁ ଫେରାଇବାକୁ ଦଉଡ଼ି ଯାଇ ଘରକୁ ନେଇ ଆସିବା ପ୍ରଥା ସମାଜରେ ନୂଆରେ ଯୋଡ଼ି ଦିଆଯାଇଛି । ଏଇ ପ୍ରଥାକୁ ଆମେ ରୁଷାଣି କହୁ ।' ରାଜା ଥିଲେ ଜଣେ ନୈଷ୍ଠିକ ଶିବ ଭକ୍ତ ଓ ପଣ୍ଡିତ । ସେ ଟିକିଏ ବିରସ ହୋଇ କହିଲେ, 'ଆହା ! କେଡ଼େ ଉନ୍ନତ ଯୁଗଟି ଆମ ଦେଶରୁ ଚାଲିଗଲା ?'

୧୯୨୧ ମସିହାରେ ଏଠାରେ ଅସହଯୋଗ ଆନ୍ଦୋଳନ ତୀବ୍ରତର ହେଲା । ଠିକ୍ ସେ ବର୍ଷ ମହାତ୍ମାଗାନ୍ଧୀ ନିଜେ ତାଙ୍କର ପ୍ରଚାର ଉଦ୍ଦେଶ୍ୟରେ ପାରଳାଖେମୁଣ୍ଡି ଆସିଥିଲେ । ମୁଁ ଠିକ୍ ତାଙ୍କର ପଛପଟେ ଚାଲିଥାଏ । ମୋ ସାଙ୍ଗକୁ ଆଉ ଦୁଇଜଣ ପିଲା ମଧ୍ୟ ହାତକୁ ହାତ ଛନ୍ଦିଥିଲେ । କିନ୍ତୁ ଜନତାର ଚାପ ଏତେ ପରିମାଣରେ ଆମ ପଛଆଡ଼ୁ ପଡ଼ିଲା ଯେ, ମୁଁ ଆଉ ସମ୍ଭାଳି ନପାରି ମହାତ୍ମାଙ୍କ ପିଠି ଆଡ଼କୁ ଠେଲି ହୋଇଗଲି । ସେ ମୋ ଆଡ଼େ ଚାହିଁ ସ୍ମିତହାସ୍ୟ କରି ହିନ୍ଦୀରେ କହିଲେ- 'ଛୋକରା ! ତୁ ନିଜକୁ ନିଜେ ତ ସମ୍ଭାଳି ପାରୁନାହୁଁ । ମୋତେ ସମ୍ଭାଳିବୁ କିପରି ?'

ଗୋଟିଏ ଦିନର କଥା ଆଜି ମୋର ସ୍ମରଣ ହେଉଛି । ଆମ ଗୃହ ବାରଣ୍ଡାରେ କେତେଜଣ ଛାତ୍ରଙ୍କ ସଂଗେ ମୁଁ ବସି ଗପସପ କରୁଥାଏ । ସେତିକିବେଳେ ଗୋଟିଏ ଭିକାରି ବାଳକ ଛିଣ୍ଡା ଲୁଗା ଖଣ୍ଡିଏ ପିନ୍ଧି, ମଇଳା ବୁଜୁଚାଟିଏ ଧରି ଆମ ଆଡ଼କୁ ଆସିଲା, ବୋଧେ କିଛି ଭିକ୍ଷା ଆମଠାରୁ ପାଇବା ଆଶାରେ । ପିଲାଟି ଗୌରବର୍ଣ୍ଣ, ସୁସ୍ଥ ସବଳ, କିନ୍ତୁ ତା'ର ମୁହଁ ଅନାହାରକ୍ଲିଷ୍ଟ ଓ ଶୁଷ୍କ । ତାକୁ ଦେଖି କେଜାଣି କାହିଁକି ମୋ ମନରେ କୌତୂହଳ ହେଲା । ପଚାରିଲି- 'ଘର ତୁମର କେଉଁଠି ?' ସେ କହିଲା, 'ଖଲ୍ଲିକୋଟ' ।

ମୁଁ- 'ନାମ ?'

ସେ- 'ବ୍ରହ୍ମଚାରୀ ମୁଇଁ ।'

ମୁଁ- 'ବାପା ମା କିଏ ଅଛନ୍ତି ?'

ସେ - 'ମୋର କେହି ନାହାନ୍ତି । ବୁଢ଼ୀ ମା ଥିଲେ ସେ ମରିଗଲେ; ମୁଁ ଅନାଥ ଭିକାରି ।'

ମୁଁ- 'ତୁମ ବୟସ ?'

ସେ- 'ବାର ବର୍ଷ ।'

ମୁଁ- 'ଆଚ୍ଛା, ଆମେ ଯଦି ସବୁପ୍ରକାର ସାହାଯ୍ୟ କରୁ ତୁମେ ପାଠ ପଢ଼ିବ ?'

ସେ- ହଁ, ନିଶ୍ଚୟ ପଢିବି ।

ଏକଥା ଶୁଣି ମୁଁ ଆମର ସଂଗୀମାନଙ୍କୁ ଚାହିଁ ଉତ୍ତେଜିତ ସ୍ୱରରେ କହିଲି, 'ଆସ ! ଆମେ ସମସ୍ତେ ମିଶି ଏ ପିଲାଟିକୁ ଚାନ୍ଦା କରି ପଢ଼ାଇବା । ଯଦି ଗୋଟିଏ ଗରିବ ଛାତ୍ରକୁ ମଣିଷ କରାଇ ପାରିବା ତେବେ ଆମମାନଙ୍କର ଦାନ ସାର୍ଥକ ହେବ ।' ଏହା ଶୁଣି ମୋର ସଙ୍ଗୀମାନେ ସମସ୍ତେ ଉତ୍ସାହିତ ହେଲେ । କିଏ ବହିପତ୍ର ଦେଲା ତ କିଏ ଜାମା ଲୁଗା ତା'ପାଇଁ ଆଣି ଦେଲା । ମୁଁ ତା'ର ଖିଆପିଆର ବନ୍ଦୋବସ୍ତ କରିଦେଲି, ରାଧାକାନ୍ତ ମଠ ମହନ୍ତଙ୍କୁ ଅନୁରୋଧ କରି । ଆଉ ତା'ର ଦରମାପାଇଁ ସ୍କଲାର୍‌ସିପ୍ ମଧ୍ୟ ବନ୍ଦୋବସ୍ତ କଲି । ଦିନେ କଲେଜ୍‌ରେ ଗୋଟିଏ ବିରାଟ ସଭାରେ ମହାରାଜା ଭାଷଣ ଦେଇ ଆହ୍ୱାନ କଲେ, 'ଯେଉଁ ଛାତ୍ରମାନେ ସମର ଶିକ୍ଷା କରିବାକୁ ଇଚ୍ଛା କରନ୍ତି ସେମାନେ ଠିଆ ହୁଅନ୍ତୁ । ମୁଁ ତାଙ୍କୁ ସରକାରଙ୍କଠାରେ ସୁପାରିଶ ପତ୍ର ଦେଇ ମାନ୍ଦ୍ରାଜ ପଠାଇଦେବି ।' ଯୁଦ୍ଧର କଥା ଶୁଣି କେହି ଛାତ୍ର ମହାରାଜାଙ୍କ ଆହ୍ୱାନର ଉତ୍ତର ଦେଲେ ନାହିଁ । ଆମେ ସମସ୍ତେ ପରସ୍ପର ମୁହଁକୁ ଚାହାଁଚାହିଁ ହେଲୁ । ସେତିକିବେଳେ ଦେଖାଗଲା ଯେ, ଟିକିଏ ଦୂରରେ ଗୋଟିଏ ଗୌରବର୍ଣ୍ଣ ସୁସ୍ଥସବଳ ବାଳକ ମହାରାଜାଙ୍କ ଆଡ଼କୁ ଚାହିଁ ଠିଆ ହୋଇଛି । ସେ ହେଉଛି ଆମର ଅନୁଗୃହୀତ ବ୍ରହ୍ମଚାରୀ ମୁଇଁ ।

ମୋର ମନେପଡୁଛି, ୧୯୪୩ ମସିହାରେ ପୁରୀରୁ ମୁଁ ପାରଳାଖେମୁଣ୍ଡି ଫେରୁଥାଏ । ଖୋର୍ଦ୍ଧା ଷ୍ଟେସନ୍‌ରେ ମୁଁ ମାନ୍ଦ୍ରାଜ୍ ମେଲ୍‌କୁ ଅପେକ୍ଷା କରିଥାଏ । ସେତେବେଳେ ଗୋଟିଏ

ସ୍ପେଶାଲ୍ ମିଲିଟାରୀ ଗାଡ଼ି ମାନ୍ଦ୍ରାଜ ଆଡୁ ଆସି ଖୋର୍ଦ୍ଧାରେ ପହଞ୍ଚିଲା । ପ୍ଲାଟଫର୍ମରେ ମୁଁ ଛିଡ଼ାହୋଇଛି । ହଠାତ୍ ସେ ଗାଡ଼ିର ଏକ ସ୍ୱତନ୍ତ୍ର କାମେରାରୁ ଜଣେ ସାହେବ ଓହ୍ଲାଇ ମୋ ଆଡ଼କୁ ଆସିଲେ । ମୁଁ ବାଟରୁ ଟିକିଏ ଆଡ଼େଇ ହୋଇ ଯାଉଛି । ମୋର ହାତ ଦୁଇଟିକୁ ସେ ଧରି ପକାଇ ନମସ୍କାର କଲେ । ମୁଁ ଅବାକ୍ । ଏ କିଏ ? ମୋତେ କାହିଁକି ଅଭିନନ୍ଦନ କରୁଛନ୍ତି ? ମୁଁ ଆଶ୍ଚର୍ଯ୍ୟ ହୋଇ ତାଙ୍କ ମୁହଁକୁ ଚାହିଁଥାଏ । ମିଲିଟାରୀ ଡ୍ରେସ୍ ମଣ୍ଡିତ ଜଣେ ଉଚ୍ଚ କର୍ମଚାରୀ ସେ । ଗୋରା ତକ୍‌ତକ୍ ସୁସ୍ଥ ସବଳକାୟ । ସେ ହ୍ୟାଟ୍ ଖଣ୍ଡିକ ବାହାର କରି ସ୍ପଷ୍ଟ ଓଡ଼ିଆରେ କହିଲେ, 'ଚିହ୍ନି ପାରୁନ ? ମୁଁ ପରା ତମର ସେହି ପଦାଶ୍ରିତ ବ୍ରହ୍ମଚାରୀ ମୁଇଁ । ତୁମରି କରୁଣାରୁ ମୁଁ ଆଜି ଏହି ଲେଫଟ୍‌ନାଣ୍ଟ ପଦବୀରେ ବରିତ ହୋଇ ପାରିଛି ।' ମୁଁ ଆଶ୍ଚର୍ଯ୍ୟ ହେଲି ।

* * *

**ବିଶିଷ୍ଟ ଗବେଷକ ଓ ଐତିହାସିକ ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁଙ୍କ ଆତ୍ମଜୀବନୀ 'ମୋ ଜୀବନ ସଂଗ୍ରାମ'ରୁ ଉଦ୍ଧୃତ ।**



**ବିନୋଦ କାନୁନ୍‌ଗୋ (୧୯୧୨-୧୯୯୦)**

# 'ଆଉରି ବରକୋଳି ନିଅ'

ମାମୁଙ୍କ ଘରର ଡାହାଣ ପଟ ପୋଖରୀ ସେପଟେ ଦୁଇଟି ବା ତିନିଟି କଣ୍ଡରା ଘର । କଣ୍ଡରା ସାହିକୁ ଆମ ପିଲାମାନଙ୍କର ଯିବାର ଗୋଟିଏ ବଡ଼ ଆକର୍ଷଣ ହେଲା ବରକୋଳି ଗଛ । ସେହି ଗଛଟି ପାଲୁଣୀ ମା' ଘର ସାମନାରେ । କୋଳିଟାମାନ ଯେମିତି ବଡ଼ ବଡ଼, ସେଇ ତୁଳନାରେ ମିଠା । ପାଚିଲେ ଅତି ସୁଆଦିଆ ଲାଗେ । ଆମେ ଯାଉ ଖରାବେଳେ । ସେ ସମୟରେ ଛୁଆଁ ଅଛୁଆଁ ଭାବ ଅତି ଉତ୍କଟ ଥିବାରୁ ଗୋଟିଏ ଅସୁବିଧା ଆମପାଇଁ ଥାଏ । କୋଳିଟା ତଳେ ପଡ଼ିଗଲେ ଗୋଟାଇ ଖାଇବେ ନାହିଁ । କାରଣ କଣ୍ଡରା ଛୁଆଁ ପାଣି

ହୁଏତ ସେଠି ପଡ଼ିଥିବ କେତେବେଳେ । ଅଛୁଁଆ କଣ୍ଡରାଙ୍କ ଗୋଡ଼ ଧୂଳି ତ ନିଶ୍ଚୟ ପଡ଼ିଥିବ । ଗଛରେ ଚଢ଼ି ଯେତିକି କୋଳି ପାରିବ ସେତିକି ହିଁ ଖାଇବାର କଥା । ଗଛରେ ଚଢ଼ିବା ବୟସ ଅନ୍ନଦା, ବରଦା, ନନ୍ଦମାମୁ ବା ମୋର ହୋଇ ନଥାଏ । ଆମେ ସବୁ ସାତ ଆଠ ବର୍ଷ ବା ତା'ଠୁ କମ୍ ବୟସର ପିଲା । ସାରଦା ଭାଇ, ଗୋବିନ୍ଦ ଭାଇ ଗଛ ଚଢ଼ି ପାରନ୍ତି । ସେମାନେ ଆଗେ ଖାଇବେ । ଆମ ଆଡ଼କୁ ଗୋଟିଏ ଗୋଟିଏ ପକାଇବେ । ଯିଏ ଉପରକୁ ପାଟି କରି ରହିବ ତା'ରି ପାଟିକୁ ଲକ୍ଷ୍ୟ କରି ଆମେ ପକାଇବୁ ବୋଲି ସେ ଦି' ଜଣ କହି ଆମକୁ ଡହଳ ବିକଳ ଅବସ୍ଥାରେ ରଖି ଦିଅନ୍ତି । ବହୁତ କିଛି ଖୁସାମତ କଲେ ମେଲା କାନି ଭିତରକୁ ପକାନ୍ତି । ଏ କଥାଟିକୁ ଥରେ ଦି'ଥର ପରେ ପାଲୁଣୀ ମା' ଲକ୍ଷ୍ୟ କଲା ।

ତା' ଚେହେରାଟି ଏବେ ମଧ୍ୟ ମୋର ମନେଅଛି । ଆମକୁ ସବୁ ଦେଖିଲେ ତା'ର କି ଖୁସି ! ସେ ବେଶ୍ ମୋଟାମୋଟି । ହାତରେ ମଜବୁତିଆ ମୋଟା ଖଡ଼ୁ- ପିତଳର ବୋଧହୁଏ, କଂସାର ବି ହୋଇଥିବ । ଯାହାକୁ କୁହନ୍ତି ନାହିଁ- 'ସେ କହିଲା ଖଡ଼ୁମୁଷାଏ ଦେଲେ ତୋ ମୁଣ୍ଡ ଫାଟି ଦି'ଫାଳ ହୋଇଯିବ ।' ସେହି କଥାର ଯଥାର୍ଥତା ପ୍ରମାଣ କରେ ପାଲୁଣୀ ମା' ହାତର ଖଡ଼ୁ । ଆମ ଛୋଟ ପିଲାଙ୍କ ପ୍ରତି ତା'ର ଦୟା ହେଲା । ଆମର ସୁବିଧା ହେବ ବୋଲି ସେ ଗୋଟାଏ କଥା କହିବା ଆରମ୍ଭ କରିଦେଲା । ଗଛ ତଳେ ବଡ଼ ଅରାଏ ସ୍ଥାନ ଦିନ ଏଗାରଟା ବାରଟା ବେଳେ ସେ ଗୋବର ପକାଇ ଭଲକରି ଲିପି ଦେଇଥାଏ । ତା' ପିଲାଙ୍କୁ ଓ ଅନ୍ୟ କଣ୍ଡରା ପିଲାଙ୍କୁ ତାଗିଦ୍ କରି ଦେଇ ଥାଏ, ଯେମିତି ଲିପା ଜାଗା କେହି ମାଡ଼ିବେ ନାହିଁ । ସେଇଠି କୋଳି ଝଡ଼ିଲେ ବା ପଡ଼ିଲେ ଆମେ ସବୁ ଆନନ୍ଦରେ ଗୋଟାଇ ନେଇ ଖାଉ । ସାରଦା ଭାଇ ଗଛ ଡାଳକୁ ଜୋର୍‌ରେ ହଲାଇ ଦେଲେ ପାକଲା ଦର ପାକଲା କୋଳି ଝଡ଼ିପଡ଼େ । ପାଛିଆଏ ଲେଖାଁ ଘରକୁ ନେଇ ଆସୁ । ସେ ଆପତ୍ତି ତ କରେ ନାହିଁ- ଓଲଟି କହେ, 'ଆଉରି ନିଅ ।'

ତା' ବିଷୟରେ ଗୋଟିଏ କଥା ଆଜି ମଧ୍ୟ ମୋ' ମନରେ ଲାଖି ରହିଛି । ସେ ଖୁବ୍ ଗରିବ । ଘରେ ବାସନ ବୋଲି କିଛି ନଥାଏ । ସେ ଯୁଗରେ ଆଲୁମିନିୟମ୍ ବାସନର ପ୍ରଚଳନ ନ ଥିଲା । କଂସା ବାସନ ଥିଲା ତା'ପାଇଁ ସ୍ୱପ୍ନ । ବରଗଛ ମୂଳେ ଟିକିଏ ଦୂରରେ ମାଟିରେ ଗୋଲାକିଆ ଗାତଟିଏ ଖୋଳିଥାଏ । ତା' ଭିତରଟିକୁ ଅତି ଚିକ୍କଣ କରି ଲିପି ଦେଇଥାଏ । ତାଆରି ଭିତରେ ଖଣ୍ଡିଏ କଅଁଳିଆ କଦଳୀ ପତ୍ର ଖଞ୍ଜିଲା ଭଳି କରିଦିଏ । ସେଇଥିରେ ପଖାଳ ଭାତ ଅଜାଡ଼ି ଦିଏ । ଭାତ ଖାଇ ସାରିଲେ ମୁହଁକୁ ସେ ଗାତ ଉପରେ ତଳକୁ ଲଗାଇଲା ଭଳି କରି ତୋରାଣି ପିଏ । ଯେତେବେଳେ ମୁହଁଟି ଆଉ ଖାଲ ଭିତରେ ତୋରାଣିରେ

ଲାଗେନାହିଁ ସେ ହାତରେ ଚଳ ଚଳ କରି ପିଏ । ଶେଷରେ ପତରଟିକୁ କାଢ଼ିଆଣି ଯେତକ ଭାତ ବଳିଥାଏ ଖାଇଦିଏ। ୧୯୪୩ରେ ବ୍ରହ୍ମପୁର କଲେଜରେ ଆମେ ସବୁ ଅଟକବନ୍ଦୀ ଥିଲାବେଳେ ଜାତୀୟ କବି ବୀରକିଶୋର ହରିଜନମାନଙ୍କ ଦୁଃଖ ବର୍ଣ୍ଣନା କରି ଯେଉଁ ଗୀତ ଲେଖିଥିଲେ, ସେଥିରେ ତାଙ୍କ ଗାଁର ଏହିଭଳି ଏକ ଦୃଶ୍ୟ ବର୍ଣ୍ଣନା କରିଥିଲେ । ଅନେକେ କହିଲେ ଯେ, ସେ କଳ୍ପନାରୁ ଏହି ଅତିରଞ୍ଜିତ କଥା ଲେଖିଛନ୍ତି । ସେତେବେଳେ ମୁଁ ତାଙ୍କ ପକ୍ଷ ସମର୍ଥନ କରି ପାଲୁଣୀ ମା କଥା କହିଲାରୁ କେହି କେହି ଏକାବେଳକେ ବିସ୍ମିତ ହୋଇଗଲେ ।

ବିହାରୀଲାଲ୍ ପଣ୍ଡିତ ଟୀକା ସହିତ ଗୀତାର ଅନୁବାଦ ପ୍ରକାଶ କରିବେ ବୋଲି ସ୍ଥିର କଲେ । ତାଙ୍କ ଘରେ ଦୁଇ ଚାରି ଜଣ ପଣ୍ଡିତ ଏକତ୍ରିତ ହୁଅନ୍ତି ପ୍ରତି ସନ୍ଧ୍ୟାରେ । ଗୀତା ସାଙ୍ଗକୁ କର୍ମକାଣ୍ଡ ଉପରେ ପୁସ୍ତକ ରଚନାର କଳ୍ପନା ଥାଏ । ଏହି ଶତପଥୀଙ୍କ ଜେଜେ ସେହିମାନଙ୍କ ଭିତରୁ ଜଣେ । ରାତିରେ ଫେରିଲାବେଳେ ବିହାରୀଲାଲ୍‌ଙ୍କ ଘରୁ ଗୋଟିଏ ଥାଳିରେ ସିଦା ମିଳେ । ସେଥିରେ ଯେତେ ପରିମାଣରେ ଡାଲି, ଚାଉଳ ଓ ପରିବା ଥାଏ, ସେତକରେ ଶତପଥୀ ପରିବାରର ଗୋଟିଏ ଦିନ ଚଳିଯାଏ । ଏହା ସାଙ୍ଗକୁ ମାସକୁ ମାସ କିଛି ଟଙ୍କା ମଧ୍ୟ ମିଳେ । ସେଥିରେ ଅନ୍ୟ ସବୁ ଖର୍ଚ୍ଚ ଚଳିଯାଏ । ତାଙ୍କର ତ ଯଜମାନୀ ଆୟ ରହିଛି । ଦିନେ ଶତପଥୀଙ୍କ ସିଦା ସାଙ୍ଗରେ ଚାରିଟି ଗୋଲ ଆଳୁ ଦେଇଥିଲେ । ପଣ୍ଡିତ ଶତପଥୀ ସେଠି କିଛି କହି ନ ପାରି ଗାମୁଛାରେ ପୂରାଇ ନେଇଗଲେ । ଘରେ ଯାଇ ସେତକ ସବୁ ବାରିଆଡ଼େ ଫୋପାଡ଼ି ଦେଇ ଘରେ ଆସି ଗାଧୋଇଲେ । ପଇତା ବଦଳାଇଲେ । ପଣ୍ଡିତିଆଣୀ ଆସି ପଚାରିବାରୁ ଖାଲି ଏତିକି ଉତ୍ତର ଦେଲେ- 'ମୋତେ ସେ କଥା ପଚାର ନାହିଁ । ତା' ପର ଦିନ ଯେତେବେଳେ ଗଲେ ଜମିଦାର ବିହାରୀଲାଲ୍ ପଚାରିଲେ, 'କାଲି ଯେଉଁ ନୂଆ ଚିଜ ଦେଇଥିଲି ତାକୁ କେମିତି ରାନ୍ଧିଲ ? କେମିତି ସୁଆଦ ଲାଗିଲା ? ଶତପଥୀ ଟିକିଏ ଶଙ୍କିଯାଇ କହିଲେ, 'ଜୀବନରେ ମୁଁ କେବେହେଲେ ପକ୍ଷ୍ୟଣ୍ଡ(ପକ୍ଷୀର ଅଣ୍ଡା) ଛୁଇଁ ନାହିଁ । ତେଣୁ ତାକୁ ଫୋପାଡ଼ି ଦେଲି- ସିଦା ମାରା ହୋଇଯାଇଥିଲା ବୋଲି ତାକୁ ମଧ୍ୟ ଫୋପାଡ଼ି ଦେଲି ।'' ବିହାରୀଲାଲ୍ ଯେତିକି ହସିଲେ ସେତିକି ଦୁଃଖିତ ହେଲେ । ତାଙ୍କ ପରିବାରରେ ତ ରୋଷେଇ ହୋଇ ନଥିବ । ସେଥିପାଇଁ ଦୁଃଖ । ଆଳୁକୁ ଯେ ଅଣ୍ଡା ବୋଲି ଧରିନେଲେ ସେଥିପାଇଁ ହସ । ତାଙ୍କୁ ସବୁ କଥା ବୁଝେଇ ଦେଲେ । ସେଦିନ ଡବଲ ସିଦା ଦେଲେ । ଏତକ ଶୁଣି ଆମ ମେଳରେ ଥିବା ସମସ୍ତେ ହସିଥିଲେ । ଜଣେ କହିଲେ, ' ଆଳୁ ସପକ୍ଷରେ ତୁମେମାନେ ଯିଏ ଯେତେ କୁହ ପଛକେ, ଆଜି ପର୍ଯ୍ୟନ୍ତ ସେ ପରିବା ତ ଜଗନ୍ନାଥ ମନ୍ଦିରରେ ପଶିନାହିଁ ।'

ଗାନ୍ଧିଜୀ ମଧ୍ୟ କହୁଥିଲେ- ଆମେ ବିଦେଶୀ ବସ୍ତ୍ରକୁ ସଂପୂର୍ଣ୍ଣ ବର୍ଜନ କରିବା । ପୁଣି ସେହି ଅରଟ ଚଳାଇବା, ଆମ ତନ୍ତୀ ଲୁଗା ବୁଣିବେ । ବ୍ରିଟିଶ୍ ଜାତିର ଗୋଟାଏ ବଡ଼ ବେପାର ଲୋପ ପାଇଗଲେ ସେମାନେ ଜାଣିବେ ଯେ ଭାରତରେ ଜନଜାଗରଣ ହେଲାଣି । ଲୋକଙ୍କ ମନରେ ଏହି କଥାଟିକୁ ଭଲ ଭାବରେ ଲଗାଇ ଦେବାପାଇଁ ସେ ବମ୍ବେଠାରେ ବିଦେଶୀ ବସ୍ତ୍ର ପୋଡ଼ା ଆରମ୍ଭ କରିଦେଇଥିଲେ । କାଠଯୋଡ଼ି ବାଲି ସଭାରେ ବିଦେଶୀ ଲୁଗା ପୋଡ଼ାହୁଏ ସଭା ଶେଷରେ । ଦାସତ୍ୱର ଏହି ପ୍ରତୀକକୁ ପୋଡ଼ି ଭସ୍ମ କରିଦିଅ ବୋଲି ଜ୍ୱାଳାମୟୀ ଭାଷଣ ଦିଆଯାଏ । ବୀରବାବୁଙ୍କର ଲୁଗାପୋଡ଼ା ଗୀତ ଶୁଣି ଜନସାଧାରଣ ମାତି ଉଠନ୍ତି । ସେ ଗୀତକୁ ନିରଞ୍ଜନ ଘୋଷ ବୋଲିଲା ବେଳେ ସଭାର ସମସ୍ତେ ଖଣ୍ଡେ କାମିଜ, ଗେଞ୍ଜି ବା ଚଦର ନିଆଁକୁ ପକାଇ ଦିଅନ୍ତି । 'ବିଦେଶୀ ବସ୍ତ୍ର ଦାହ ଯଜ୍ଞ' ବୋଲି ଲୋକେ କହୁଥିଲେ । କେବଳ ଭାଷଣ ଯେତେ ଦୂର ପର୍ଯ୍ୟନ୍ତ ଉତ୍ତେଜନା ସୃଷ୍ଟି କରୁଥାଏ, ତା'ଠାରୁ ଅଧିକ ଦୂରକୁ ଲୋକଙ୍କୁ ନେଇଯାଉଥାଏ ଗୋଟିଏ ଗୀତ । ସେ ଗୀତଟିକୁ ୧୯୨୧ରେ ଅସହଯୋଗର ସ୍ୱାଧୀନତା ସୈନିକ ବୀରକିଶୋର ଦାସ ଲେଖିଥାଆନ୍ତି ଓ ବୋଲନ୍ତି ଉଦୀୟମାନ ଯୁବକ ନିରଞ୍ଜନ ଘୋଷ । ସେ ପଦେ ପଦେ ବୋଲି ପାଳି ଧରନ୍ତୁ ବୋଲି ଡାକ ଦିଅନ୍ତି । ବୁଢ଼ା ଟୋକା ସମସ୍ତେ ପାଳି ଧରନ୍ତି । ଅଷ୍ଟପ୍ରହରୀ ପରେ ନଗରକୀର୍ତ୍ତନ ହେଲାବେଳେ ଲୋକ ଯେମିତି ନାଚି ଯାଆନ୍ତି, ଜଳୁଥିବା ଲୁଗାଗଦା ଚାରିପଟେ ସେମିତି ଲୋକ ବୁଲନ୍ତି- ବିଶେଷକରି ଆମ ଭଳି ଅଳ୍ପ ବୟସର ଛାତ୍ରମାନେ । ଗୀତଟି ହେଲା-

ଫିଙ୍ଗରେ ଆଜି ପୁଲକ ପରାଣେ
ବିଦେଶୀ ବସନ ଭାଇ
ଅଙ୍ଗକୁ କର ପବିତ୍ର ତୁମର
ଜାତୀୟ ସଂଗୀତ ଗାଇଲ
ଦେଶବାସୀଙ୍କର ତଣ୍ଟି ଚିପା ଲୁଗା
ଏ ପାପ ରାଶିରେ ଆଜି ନିଆଁ ଲଗା
ଦେବତା ଉଠନ୍ତୁ ଚେଇଁ ।

ଏହି ଗୀତ ଗାଁ ଗଣ୍ଡାରେ ବୋଲା ହେଲା । ପଦେ ଲେଖାଁ ଗୀତ । ପାଞ୍ଚ ମିନିଟ୍ର ଭାଷଣ । ଏମିତିକା ଚାଲି ସରକାରଙ୍କ ବିରୁଦ୍ଧରେ ଗୋଟିଏ ସରଗରମ ବାତାବରଣ ସୃଷ୍ଟି କରିଦେଲା । ମୋର ବ୍ୟକ୍ତିଗତ ଅନୁଭୂତିରୁ ଏଭଳି ଲେଖୁଛି । ଦିନେ ସଭାକୁ ଯାଇଥିଲି ଖଣ୍ଡେ ଧୋତି, ଖଣ୍ଡେ କୁର୍ତ୍ତା ଓ ଗଞ୍ଜି ପିନ୍ଧି । ଲୁଗାପୋଡ଼ା କାମ ଆରମ୍ଭ

ହୋଇଗଲା । ଚାଲିଲା ଗୀତ । କୁର୍ତ୍ତା ଖଣ୍ଡକ କାଢ଼ି ନିଆଁକୁ ଫୋପାଡ଼ି ଦେଲି । କିଛି ସମୟ ପରେ ଗେଞ୍ଜିଟି ଗଲା । 'ଲୁଗା ଖଣ୍ଡକ ବି ପକାଇ ଦିଅନ୍ତି । କିଏ ଖଣ୍ଡେ ଗାମୁଛା ଦିଅନ୍ତା କି' ବୋଲି ପାଟିରୁ ବାହାରିପଡ଼ିଲା । ଜଣେ କିଏ ଖଣ୍ଡେ ଖଦଡ଼ର ଚାଦର ମୋ କାନ୍ଧରେ ପକାଇଦେଲେ । ସେ ଖଣ୍ଡିକୁ ଲୁଙ୍ଗି ଭଳି ପିନ୍ଧିଦେଇ ମୋ ଧୋତି ଖଣ୍ଡିକ ପକାଇ ଦେଲି ହୁତ୍‌ହୁତ୍ ହୋଇ ଜଳୁଥିବା ନିଆଁ ଗଦାକୁ । ଟିକିଏ ପରେ ଖୋଜିଲି କିଏ ଚଦର ଦେଇଥିଲେ । ମାତ୍ର ତାଙ୍କୁ ପାଇଲି ନାହିଁ ।

* * *

**ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ 'ଜ୍ଞାନମଣ୍ଡଳ' ପ୍ରଣେତା ପଦ୍ମଶ୍ରୀ ବିନୋଦ କାନୁନ୍‌ଗୋଙ୍କ ଆତ୍ମଜୀବନୀ 'ଋଣ ପରିଶୋଧ'ରୁ ଉଦ୍ଧୃତ ।**



**ସଚ୍ଚିଦାନନ୍ଦ ରାଉତରାୟ (୧୯୧୩-୨୦୦୪)**

# 'ବାଘ ଫାଗ କୁଆଡ଼େ ଗଲେଣି'

ପିଲାଦିନେ ମିଞ୍ଜି ମିଞ୍ଜି ଲଣ୍ଠନ ଆଲୁଅରେ ମୁଁ ମାମା କୋଳରେ ଶୋଇପଡ଼େ । ମାମା ରଙ୍ଗବତୀ କନ୍ୟା କଥା, ରଜାପୁଅ କଥା, କଲରେଇ ବେଣ୍ଟ କଥା, ଜ୍ଞାନଦା ମାଳୁଣୀ କଥା- କେତେ କାହାଣୀ କହେ ।

ଅଧ ରାତିରେ ମହାବଳ ବାଘ ଗର୍ଜନ ଶୁଣାଯାଏ ବେରେଣା ନଟାରୁ । କେବେକେବେ ଶୁଣାଯାଏ ଖୋରଧା ସହର ଉତ୍ତରପଟ, ବରୁଣେଇ ପାହାଡ଼ ଆଡ଼ୁ । ମାମା କହେ, ବାଘ ସେପଟ ଜଙ୍ଗଲରୁ ଏପଟ ଜଙ୍ଗଲକୁ ଆସୁଛି । ବାଘ ହେଣ୍ଟାଳ ଶୁଣାଯିବା ପରେ ମାଙ୍କଡ଼ମାନେ

ଗଛ ଉପରେ ଖେଁ ଖେଁ କରି ଖେଙ୍କାରି ଉଠନ୍ତି; ବିଲୁଆମାନେ ବି ବିକଟାଳ ରଡ଼ି ଛାଡ଼ନ୍ତି । ଭୟରେ ମୋ ଦିହ ହେମାଳ ହୋଇଯାଏ । ମାମା ମତେ କୁଣ୍ଢାଇ ଶୁଆଇପକାଏ । ଆଜିକାଲି ଆଉ ଆମ ଗାଁ ଜଙ୍ଗଲରେ କି ଆଖପାଖ ଜଙ୍ଗଲରେ ବାଘରଡ଼ି ଶୁଣାଯାଏ ନାହିଁ । ବାଘ ଫାଗ କୁଆଡ଼େ ଗଲେଣି । ମୋ ପିଲାଦିନେ ଜଙ୍ଗଲ ଭରି ଜନ୍ତୁ ଥିଲେ । ବାଘ, ହେଟା, ବାର୍‌ହା, ମିରିଗ, ଠେକୁଆ, ଗଧିଆ ଜଙ୍ଗଲରେ ରହିଥିଲେ । ମହାବଳ ବାଘ କେବେ କେବେ ଅନ୍ୟ କେଉଁ ଘଞ୍ଚ ଜଙ୍ଗଲରୁ ଆସି ଗର୍ଜନ ଛାଡ଼ୁଥିଲା; ଗୋଟାଏ ଦି'ଟା ଗୋରୁ ଛେଳି ମଧ୍ୟ ଖାଇଛି; ମଣିଷ ଖାଇଥିବାର ଶୁଣାନାହିଁ । ବାଘ ଏପଟ ଜଙ୍ଗଲରୁ ସେପଟକୁ ଗଲାବେଳେ କିମ୍ବା ସେପଟୁ ଏପଟ ଜଙ୍ଗଲ ପାର ହେଲାବେଳେ ଯେତେବେଳେ ଗର୍ଜନ କରେ, ମନେହୁଏ, ଯେମିତି ଆମ ବାଡ଼ିପଟ ତୋଟା ଭିତରେ ଗର୍ଜୁଛି । ସେ ଗର୍ଜନ ଶୁଣିଲେ ଗର୍ଭିଣୀ ନାରୀ ପେଟରୁ ପିଲା ଖସି ପଡ଼ିବ । ବିଲପଦା, ନିଶୂନ ଟାଙ୍ଗଣା ଭୂଇଁ ସବୁ ଯିମିତି ଭୟରେ ଜଡ଼ସଡ଼ ହୋଇଉଠେ । ମୁଁ ମାମା କୋଳରେ ଶୋଇ ଶୀତେଇ ଉଠେ । କେବେ କେବେ ମାମା କହେ, ମହାବଳ ବାଘ ଜୋରରେ ମାଙ୍କଡ଼ଖିଆ ବନ୍ଧରୁ ପାଣି ପିଇବାକୁ ଆସିଛି । ମାଙ୍କଡ଼ଖିଆ ବନ୍ଧଟା ଖୋରଧା ଟାଉନ୍ ପଶ୍ଚିମପଟ ଓ ଆମ ଗାଁ ମଝିରେ । କେବେ କେବେ ଝଡ଼ ବର୍ଷା ରାତିରେ ମହାବଳ ବାଘ ରାତିସାରା ଗର୍ଜୁଥାଏ । ବଡ଼ି ପାହାନ୍ତାରେ ଯାଇ ବନ୍ଦ ହୁଏ ତା'ର ହେଣ୍ଟାଳ ଶବ୍ଦ ।

ରାତିରେ ପେଚା, ବଣକୁକୁଡ଼ା ଆଉ ବିଲୁଆ ବୋବାନ୍ତି । ମାମା କହେ କ'ଣ ଅମଙ୍ଗଳ ଘଟିବ । ଆମ କୁଟୁମ୍ବରେ କିଏ ବୁଢ଼ା ବୁଢ଼ୀ ବାଧକା ପଡ଼ିଥିଲେ ତା' ସମ୍ବନ୍ଧରେ ମନକୁ ମନ ପାପ ଛୁଏଁ । ପେଚା ଓ ହୁଁ ହାଁ ବୋବାଳି ଅଂଧାର ରାତିରେ ବଡ଼ ବିକଟାଳ ଶୁଣାଯାଏ । କେଉଁ ଗିଲଗଛ ନଟିରେ କି କେଉଁ କଣ୍ଟେଇ କୋଳି ଗଛବୁଦା ଉପରେ ସେମାନେ ବୋବେଇ ଉଠନ୍ତି । ଶୀତଦିନେ ଅଣ୍ଡିରା ବିଲୁଆ ଖୁବ୍ ଜୋର୍‌ରେ ଡାକଛାଡ଼େ । ସେ ରଡ଼ି କୁଆଡ଼େ ଭାରି ଅମଙ୍ଗଳିଆ ।

ଗାଆଁରେ ଦଣ୍ଡ ଯାତ୍ରା ହୁଏ, ଖୋରଧାର ଚଇତି ଘୋଡ଼ା ନାଚ ଆସେ । ଖୋରଧା ପାଖରେ କେତେ ଗାଆଁରେ ଝାମୁଯାତ୍ରା ହୁଏ । ପଣାସଂକ୍ରାନ୍ତିରେ ଡହଡହ ରଡ଼ ନିଆଁ ଉପରେ କାଳିଶି ବେତ ହଲାଇ ଚାଲେ, ନାଚେ, କୁଦେ । ତା'ର ଗୋଡ଼ କିଛି ହୁଏ ନାହିଁ । ବାଙ୍କି ଝାମୁଯାତ ଖୁବ୍ ପ୍ରସିଦ୍ଧ । ଚର୍ଚ୍ଚିକା ଠାକୁରାଣୀଙ୍କ ଝାମୁଯାତ ଦେଖିବାକୁ ବହୁ ଦୂରରୁ ଲୋକମାନେ ଶଗଡ଼ ଗାଡ଼ିରେ ଆସନ୍ତି । ସବୁଠି କାଳିଶିମାନେ ସ୍ତ୍ରୀଲୋକ ପରି (ମାତ୍ର କଛାମାରି) ବେଶ ପିନ୍ଧି ଜଳନ୍ତା ଅଙ୍ଗାର ଉପରେ ଚାଲନ୍ତି । ଟ୍ରେଂଚ ଭଳି ଲମ୍ବା ଲମ୍ବା ଗୋହି ଖୋଳା ଯାଇଥାଏ । ସେଥିରେ ବଡ଼ବଡ଼ କାଠ ଖଞ୍ଜି ନିଆଁ ଲଗାଇ ଦିଅନ୍ତି । କାଠ ଜଳିଯାଇ

ରଡ଼ ହୋଇଗଲେ କାଳିଶି ତା’ ଉପରେ ଚାଲେ । କାଳିଶି କାଛେଣି ଓ କାଂଚଲା ପିନ୍ଧିଥାଏ । ମୁଣ୍ଡରେ ଜୁଡ଼ା ପାରି ଏକ ରୁମାଲ୍ ଭଳି କପଡ଼ା ବାନ୍ଧିଥାଏ ।

ପିଲାଦିନେ ଚତୁର୍ମାସ୍ୟା ଦିନ ମେଘ ଦେଖିଲେ ମୁଁ ଅବାକ୍ ହୋଇ ଯାଉଥିଲି । ସାରା ଦେହରେ ରୋମାଞ୍ଚ ଅନୁଭବ କରୁଥିଲି । ତାଳ ତମାଳ ଗଛ ମଥାନ ଉପରେ କଳା ବଉଦ ଭେଳା ଭେଳା ହୋଇ ଭାସି ଆସେ । ବରୁଣେଇ ପାହାଡ଼ ବଣ ଉପରେ ହାତୀ ପରି ଗର୍ଜନ ଛାଡ଼ି ଧାଡ଼ିମାଳ ଧାନକ୍ଷେତ ଉପରେ କଳାହାଣ୍ଡିଆ ମେଘ ଘୋଟି ଆସିଲେ ତା ତଳେ ଦୁଇ ତିନିଟି ଧଳା ଧଳା ହଂସ ଧାଡ଼ି ପ୍ରାୟ ଚେତା ବୁଡ଼ାଇ ଦିଏ । ପରେ ପଢ଼ିଲି, ରାମକୃଷ୍ଣ ପରମହଂସ ତାଙ୍କ ବାଲ୍ୟାବସ୍ଥାରେ କୁଆଡ଼େ ଧାନ ବିଲ ଭିତରେ ଯାଉ ଯାଉ ଥରେ କଳାବଉଦ ତଳେ ହଂସ-ଧାଡ଼ି ଦେଖି ବେହୋସ ହୋଇଯାଇଥିଲେ । ତାଙ୍କର ସମାଧିଯୋଗ ହୋଇଥିଲା । କାଳିଦାସଙ୍କର ‘ଆଷାଢ଼ସ୍ୟ ପ୍ରଥମ ଦିବସେ’ କିମ୍ବା ଜୟଦେବ କବିଙ୍କର ମେଘ ମେଦୁର ଆକାଶ ତଳେ ଶ୍ୟାମଳ ବନଭୂମି କଥା କେଉଁ ଭାରତୀୟ ଭୁଲିପାରେ ?

ଏଇ ମେଘ ମୋତେ ବାରମ୍ବାର ବିହ୍ୱଳ ରେମାଞ୍ଚିତ କରିଛି, ଶ୍ୟାମଳ ଶୈଶବରୁ ଆଜିଯାଏଁ । ମୁଁ ବିଭୋର ହୋଇ ଯାଇଛି । ଭାରତୀୟ ମୌସୁମୀର ସ୍ନିଗ୍ଧ ସଜଳ ସ୍ପର୍ଶ ମୁଁ ଅନ୍ୟ କେଉଁଠି ପାଇନାହିଁ । ତାହା କେବଳ ଓଡ଼ିଶା ଓ ବଙ୍ଗଳା ଛଡ଼ା । ଆନ୍ଧ୍ରର ବର୍ଷା ମୋତେ ବିହ୍ୱଳ କରିଛି, କିନ୍ତୁ ଅଭିଭୂତ କରିପାରି ନାହିଁ । ସେଠାରେ ତାଳ, ତମାଳ, ନାରିକେଳ ତୋଟା ଉପରେ ବର୍ଷାର ନୂପୁର ଝମକ ସତରେ ବଡ଼ ଉଲ୍ଲାସକର, କିନ୍ତୁ ଓଡ଼ିଶା ପରି ପ୍ରାଣମତାଣିଆ ନୁହେଁ । ନୁଆଁଣିଆ ଚାଳ ଉପରୁ ପ୍ରଥମ ଟୋପା ଟୋପା ବର୍ଷା ପାଣି ସତରେ ଭଲ ଲାଗେ । ମାଟିର ବାସ୍ନାରେ ପ୍ରାଣମନ ପୁଲକି ଉଠେ ।

ଆମ ଗାଁରେ ଛୋଟ ଜଙ୍ଗଲଟି ଉପରେ ଯେତେବେଳେ କଳାଘୁମ ମେଘ ଘୋଟିଆସେ, ବଡ଼ ବଡ଼ ଗଛ ବୃକ୍ଷ ପବନରେ ଦୋହଲି ଉଠନ୍ତି, ମୁଁ ତ୍ରସ୍ତ ଚଞ୍ଚଳ ହୋଇଉଠେ । ବଡ଼ ବର୍ଷାରେ ଦାଣ୍ଡରେ ଆଣ୍ଠୁଏ ପାଣି ଚାଲେ । ଆମେ କାଗଜରେ ଡଙ୍ଗା ତିଆରି କରି ଭସାଇ ଦେଉ । କଦଳୀପଟୁକା ମଧ୍ୟ ଛାଡ଼ି ଦେଉ ପାଣିରେ । ବହୁ କୀଟ ପତଙ୍ଗ, ଜନ୍ଦା ପିମ୍ପୁଡ଼ିଙ୍କୁ ଗାମୁଛାରେ କାନିଖିଆ ଦେଇ ପାଣିରୁ ଉଦ୍ଧାର କରି ଶୁଖିଲାରେ ଛାଡୁ । ବହୁ ଝିଣ୍ଟିକାଙ୍କୁ ମୁଁ ଛତା ପତେଇ ଛାଣି ଉପରେ ଛାଡ଼ିଛି । ଇଏ ଥିଲା ଗୋଟେ ଆନନ୍ଦ; ଖେଳ ନୁହେଁ । ବର୍ଷା ପରି ପ୍ରାଣ ଉଚ୍ଛାଣିଆ ଜିନିଷ ଏ ପୃଥିବୀରେ କିଛି ନାହିଁ ।

ଏବେ ତ ଗତ କେତେ ବର୍ଷ ହେଲା ଓଡ଼ିଶାରେ ବେଶୀଭାଗ ସମୟ ରହୁଛି; ତେବେ ପ୍ରତି ବର୍ଷ ବା ପ୍ରତି ଦୁଇ ବର୍ଷରେ ଲଣ୍ଡନ ବା ଅନ୍ୟ କେଉଁ ବିଦେଶ ଯିବାକୁ ହୁଏ, କୌଣସି ନା କୌଣସି କାମରେ । ଯୁଆଡ଼େ ଗଲେ ବି ଫେରିଲାବେଳେ ପ୍ରାୟ ଲଣ୍ଡନ ଦେଇ ଫେରେ ।

ଲଣ୍ଡନରେ ତ ପ୍ରାୟ ସବୁବେଳେ ବର୍ଷା ଲାଗି ରହିଛି । ମାତ୍ର ଜଣେ କିପରି ଅବସନ୍ନ ଓ ଉଦାସିଆ ବୋଧକରେ । ଗୋଟାଏ କିମିତି ଏକଘରକିଆ ଭାବ ମନକୁ ଆଚ୍ଛନ୍ନ କରେ । ଫୂର୍ତ୍ତି ନାହିଁ । ମନ ପ୍ରାଣ ନିସ୍ତେଜ । ସବୁ କିଛି ବିମର୍ଷ ମନେହୁଏ ।

କିନ୍ତୁ ଓଡ଼ିଶାର ବର୍ଷା ସୃଷ୍ଟି କରେ ଅପୂର୍ବ ମାଦକତା । ତା'ର ମୃଦୁ ଦୁଷ୍ଟାମି ଖୁବ୍ ଭଲଲାଗେ । କେତେବେଳେ ସେ ଚିନିଚମ୍ପାର ଗାଲ ଚିପିଦିଏ, କେତେବେଳେ ରାଧାତମାଳର ଓଠ ଚୁଷିଦିଏ ଏବଂ ମଧୁମାଳତୀକୁ କରେ ଅସ୍ତବ୍ୟସ୍ତ । ଏଠାରେ ବର୍ଷାର ମନରେ ଆଣେ ଏକ ଘରବାହୁଡ଼ା ଭାବ(ନଷ୍ଟାଲଜିଆ); କହିଯାଏ, 'ହେଇ ଶୁଣ, ସିଏ ଡାକୁଛି'- କିନ୍ତୁ କିଏ ଡାକୁଛି, କିଛି ଜଣାପଡ଼େ ନାହିଁ ।

ବୁଦୁବୁଦିଆ ଟାଙ୍ଗିଟାଙ୍ଗଣ ଉପରେ ବର୍ଷାର ଘୁଙ୍ଗୁର ବାଜିଉଠେ ରୁମଝୁମ ହୋଇ । ବଣ ଜଙ୍ଗଲ ଓ ପାହାଡ଼ ଥରାଇ ସୃଷ୍ଟି ହୁଏ ଏକ ନୂତନ ଶଙ୍କରାଭରଣ । ଓଡ଼ିଶାର ବୃଷ୍ଟି ମୋ ମନରେ ଗଭୀର ରେଖା କାଟିଛି ।

'ଅକାଳ ମେଘର ଶ୍ୟାମଳ ଅତ୍ୟାଚାର /ମନ ଉପରେ ରଖିଗଲା ମୋର ନରମ ଚିହ୍ନ ତାର / ଚାରିଆଡ଼ ମେଘର ଘନଘଟା / କ୍ଷେତେ କ୍ଷେତେ ଧାନର ବିଜୁଳିଛଟା ।

× × ×

ଆଜି ସକାଳେ ଦେଖାହୋଇଗଲା ଗ୍ରାମର ପଥପ୍ରାନ୍ତେ/ ଉଃପ୍ରାଃ ସ୍କୁଲ୍‌ର ଛାତ୍ରୀ ବିନୋଦିନୀ ଷଡ଼ଙ୍ଗୀର ସାଥେ/ଗତ ସାଲେ ଦେଖିଥିଲି ଥିଲା ନିହାତି ସାନ/ ହସି କହିଲା ପଢ଼ୁଛି ସିଏ 'ସାହିତ୍ୟ ସୋପାନ' । ତା'ର ଲଘୁ ହାତରେ ସରଳ ହସ୍ତାକ୍ଷର/ଆଣିଲା ଡାକି ବର୍ଷା ଅବା ଅଦିନ ମେଘର ।'

*('ଅଦିନ ମେଘ'- ପାଣ୍ଡୁଲିପି)*

ମାମା ରାତିରେ କୋଳରେ ଶୁଆଇ ରଙ୍ଗବତୀ କଥା କହେ- ସେ ଭାରି ସୁନ୍ଦରୀ ତ; ଗୋରା ତକତକ ତନୁପାତଳୀ ଝିଅ । ବଡ଼ହେଲେ ମୋ' ବୋହୂ ରଙ୍ଗବତୀ କନ୍ୟା ପରି ହେବ । ମୁଁ କିରିକିରି ହେଇ ହସିଉଠେ । ଏ ସବୁ କଥା ମୁଁ ବଡ଼ ହେଲା ପରେ ମାମା ଓ ଖୁଡ଼ୀମାନଙ୍କ ମୁହଁରୁ ଶୁଣିଛି । ଛୁଆ ବେଳେ ମୁଁ କ'ଣ କରୁଥିଲି, ସେସବୁ କଥା ସେମାନେ ବେଳେ ବେଳେ କହି ବସନ୍ତି । ମୁଁ କଳ୍ପନା କରେ ରଙ୍ଗବତୀକୁ, ସେ କିପରି ହୋଇଥିବ !

ମାମା ମୋତେ ରଙ୍ଗବତୀ କଥା କହି ବାସ୍ତବତାଠାରୁ ଦୂରକୁ ନେଇଯିବାକୁ ଚେଷ୍ଟା କରୁଥିଲା । ମୁଁ ସ୍ୱପ୍ନ ଦେଖୁଥିଲି ଏକ ଗୋରୀ ସୁନ୍ଦରୀ ଝିଅର, ଯିଏ ତା'ର ସାପ ପରି ଲମ୍ବ ବେଣୀକୁ ହଲାଇ କେବଳ ମୋତେ ହିଁ ଡାକୁଥିବ ଏବଂ ମୋପାଇଁ ଅପେକ୍ଷା କରି ବସିଥିବ ।

ବେଳେବେଳେ ପୁଣି ବିରୋଧାଭାସ ସୃଷ୍ଟି କରି ମାମା କହିବ, ରଙ୍ଗବତୀ ଏଇ ହାଣ୍ଡିଶାଳ ଘର ରୁଅ ପରି, ଯାହାର ଅର୍ଥ ଡ୍ରିପଣ୍ଡ କାଳୀ । ପ୍ରତିବାଦ କରି ମୁଁ କହେ- 'ନା, ନା ।' ନୂଆଖୁଡ଼ୀ ଆସି ମୋ ପଟ ନେଇ କହିବେ- 'ନାଇଁମ ବୁଢ଼ା ବୋହୂ ଶଙ୍ଖ ମଲମଲ ପ୍ରତିମା ପରି ତକତକ ଗୋରା ।' ମୁଁ କିରିକିରି କରି ହସି ଉଠେ । ଏଇ ଦ୍ୱନ୍ଦ୍ୱ ଭିତରେ- ଏଇ କ'ଣ ହେବ, କ'ଣ ନାହିଁ ଭିତରେ କଟିଯାଏ ପିଲାଦିନ । ପିଲାଟା କ'ଣ ହୋଇପାରେ ଅପେକ୍ଷା ପିଲାଟା କ'ଣ ନହୋଇପାରେ, ଏଇ ପ୍ରଶ୍ନ ହିଁ ରହିବା ଉଚିତ୍ ସମସ୍ତଙ୍କ ତୁଣ୍ଡରେ । ତା'ର ଅଦୃଷ୍ଟର ତାଲିକା କିଏ ଅଟକଳ କରିପାରିବ ? କାଲି ସେ ଚନ୍ଦ୍ରଲୋକକୁ ଯାଇପାରେ ଏବଂ ସେଠାରେ ପୃଥିବୀର ଉଦୟ ଦେଖିପାରେ, କିମ୍ବା ରସାତଳରେ ପଡ଼ିପାରେ । ତା'ର ଅଦୃଷ୍ଟର ରେଖାଗୁଡ଼ାକ ବଙ୍କାଟଙ୍କା ରେଳଲାଇନ୍ ପରି କୁଆଡ଼କୁ ଲମ୍ବିଯାଇଛି । ସେ କେଉଁଆଡ଼େ ଯିବ, କେଉଁଠି ରହିବ, କିଏ କହିବ ? ତା'ର ସମ୍ଭାବନା ଯେପରି ବ୍ୟାପକ, ତା'ର ବିଡ଼ମ୍ବନା ଓ ବଂଚନା ମଧ୍ୟ ସେତିକି ପ୍ରଖର ।'

* * *

**ଜ୍ଞାନପୀଠ ବିଜେତା କବି ସଚ୍ଚିଦାନନ୍ଦ ରାଉତରାୟଙ୍କ ଆତ୍ମଜୀବନୀ 'ଉତ୍ତର କକ୍ଷରୁ' ଉଦ୍ଧୃତ ।**



**ଗୋପୀନାଥ ମହାନ୍ତି (୧୯୧୪-୧୯୯୧)**

# ‘ଶୀତଦିନେ ହେଁସ ଘୋଡ଼ିହେଉ’

ବେଳେବେଳେ ଲାଗେ, ମୋର ଆଦ୍ୟ ମୁଁ ଦେଖିପାରେ। ଟିକିଏ ଲମ୍ବା, ସରୁ, ନାଲି ହୋଇ ଗୋଟିଏ ଉତିଆଣି ପିଲା, ହେଁସ ଉପରେ ପକା ହୋଇଥିବା କନା କତରା ଉପରେ ପଡ଼ି ପାଟି କରୁଛି ସେହି ଅବୋଧ୍ୟ ସେ ପୁରର ଭାଷାରେ, ସେ କି କାନ୍ଦଣା, କି ଉଲ୍ଲାସ, ଉଦ୍ଦେଶ୍ୟହୀନ କି ଉଦ୍ଦେଶ୍ୟପୂର୍ଣ୍ଣ ତା କିଏ ଜାଣେ! ମୋ ବୋଉର ମୁହଁ ମନେ ପଡ଼ୁଛି । ଗୋଲ ଆଉ ବଡ଼, ପୂରିଲା ପୂରିଲା; ଭୁବନେଶ୍ୱରର ଭୁବନେଶ୍ୱରୀ ଦେବୀ ମୂର୍ତ୍ତି ପରି ଗଢ଼ଣ, ସେମିତି ବଳିଲା ବଳିଲା ଦେହ । ମନେପଡ଼ୁଛି, ତା’ ନାକ, ଓଠ, ଆଖି, କପାଳ, ତା ନୋଥ,

ତା’ ଦଣ୍ଡୀ, ତା ନାଁ ବି ଦୁର୍ଗା-ଦୁର୍ଗାବତୀ । ବାପାଙ୍କ ମୁହଁର କେତେବେଳେ କେଉଁ ଠାର ମନେପଡ଼ିଲା ପରି ବିଶ୍ୱାସ ହୁଏ । ମୋତେ ବାରବର୍ଷ ହୋଇଥିଲା, ସେ ଗଲେ । ତାଙ୍କ ନାଁ ସୂର୍ଯ୍ୟମଣି । ମନେପଡ଼େ ବହୁତ ମୁହଁ । କେଉଁ ମୁହଁରୁ କେତେ ଅଂଶ, ଘରଯାକ ଖୁନ୍ଦା ଖୁନ୍ଦି, ଗୋବର ଲିପା ମାଟିଘରର କାନ୍ଥ ଆଉ ତଳି । ଯେମିତି ସେ ବି ଗୋଟିଏ ମା’ର କୋଳ । ନଡା ବାଉଁଶର ଚାଳ, ମିଟି ମିଟି ଡିବି ଆଲୁଅରେ ହଲୁଥିବା ଅନ୍ଧାର, ତା’ ପରେ ଫାଇଁ ଫାଇଁ ଅନ୍ତୁଡ଼ି ନିଆଁ, ଉଦୁମୁଦା ଧୂଆଁ ।

ଆଖିବୁଜି ଅତୀତକୁ ଚାହିଁ ଦେଲେ ଯେତେ ଅନୁଭୂତି ବାରିହୁଏ, ତହିଁରୁ କେତେ କେତେ ଅଛି ଦୁର୍ଦ୍ଦିନ ସହିତ ଯୁଦ୍ଧ କରିବାର । ଦୁର୍ଦ୍ଦିନ ଦୁଃଖ କଷ୍ଟ ଦିଏ, ତାକୁ ବଳି ଉଲ୍ଲାସ ଆସେ ମୁଣ୍ଡ ଉଚ୍ଚ ରଖି ତା’ ସଂଗେ ଲଢ଼େଇ କରିବାରେ ।

ଲାଗି ରହିଛି ଝଡ଼ି ବରଷା, ଗଳଗଳ ପାଣି । ଚାରିଆଡ଼େ ଅନ୍ଧାର । ଚଡ଼ଚଡ଼ି ଢାଇ କଲା । ବୋଉ ଡାକୁଛି ‘ଅଗସ୍ତି, ପୌଲସ୍ତି’ । ଦୁଲ୍ ଦାଲ୍ ଶୁଭୁଛି ପାଖ ଘରେ କାହା କାନ୍ଥ ପଡ଼ିବା ଶବ୍ଦ । ବୋଉ ଏକର ସେକର ଧାଉଁଛି, ଆମ କାନ୍ଥର ଅବସ୍ଥା ଦେଖୁଛି। ଚାଳ ଛୁଆଣି ହୋଇ ପାରି ନାହିଁ। ଏଠି ସେଠି ଟପ୍‌ଟପ୍ ପାଣି ପଡୁଛି । ବୋଉ ଆମକୁ କାମରେ ଲଗାଉଛି । ପ୍ରତି କଣା ତଳେ ହାଣ୍ଡି କି କଂସା ଯାହା କିଛି ରଖିବାକୁ ପଡ଼ିବ, ନହେଲେ ଭୂଇଁ ଓଦା ହୋଇଯିବ । ନଈକୂଳିଆ ଘର । ପବନର ବେଗ ବହୁତ । ତୋଫାନ ହି ହି ହସିଲାଣି । ଦିଶୁଛି ନଡ଼ିଆଗଛ, ଆମ୍ବ ଗଛ ସତେକି ଶୂନ୍ୟରେ ଛାଟିପିଟି ହେଉଛି । ହେଇ, ଆସିଲା ହଲପା, ଦୁର୍ବଳ ଚାଳକୁ ଏକାଠି ଧରି ଓଟାରି ନେଇଯିବାକୁ ଚାହେଁ । ଆଉ ଅନାଇ ରହିଲେ ଚଳିବ ନାହିଁ । କ’ଣ କରିବାକୁ ହେବ ବୋଉ ତା’ ବତେଇ ଦେଲା । ସମସ୍ତେ ଚାଳକୁ ଧରି ଶୂନ୍ୟେ ଶୂନ୍ୟେ ଓହଳି ପଡ଼ିଲୁ । ପବନ ଉଠାଉଛି ପକାଉଛି, ଉଡ଼ାଇ ନେଇପାରୁ ନାହିଁ । ପବନର ବଳ ହଟି ଆସିଲା । ଆମେ ଜିତିଗଲୁ । ଆଉ ଓହଳିବା ଦରକାର ନାହିଁ ।

ଆଉ କେବେ ଦିନେ- ପଖାଳରେ ଲଗେଇ ଖାଇବାକୁ କିଛି ନାହିଁ । ଚିନ୍ତା ନାହିଁ, ବୋଉ ସାଙ୍ଗେ ସାଙ୍ଗେ କରିଦେଲା ‘ଚିଜ’ । ପୋଷେ ଭାତରେ ଅଳ୍ପ ସୋରିଷ ତେଲ ପକେଇ ଟିକିଏ ଚୂନିଚୂନି ପିଆଜ ମିଶାଇ ଦେଲା । ତା’ର ବି ଏକ ପ୍ରକାର ସ୍ୱାଦ ଅଛି । ସବୁ ଖାଦ୍ୟର ଥାଏ । ତରକାରିର କାମ ସେ ଚଳାଇଦେଲା ।

ମୁଢ଼ିଥିଲେ ଜଳଖିଆ ଅଭାବ ନାହିଁ । ଘରେ ଭାଜି ହୁଏ । ସେମିତି ଖଇ, ହୁଡୁମ, ମୁଢ଼ିରୁ ଯେ ଆରିସା କାକରା ଯାକେ, ଯେଉଁଦିନ ଯାହା ସବୁ ଉପାଦେୟ ।

କଣ୍ଟିଆରେ ଆମର ହୁଏ କୋଳଥ । ଡାଲିର କାମ ଅନେକ ସମୟରେ ସେ କରେ । ଭଜା କୋଳଥର ବାସ୍ନା, ଆମ୍ବୁଲ ପଡ଼ିଥିବା କୋଳଥ ଡାଲି ଖୁବ୍ ସୁଆଦ ଲାଗେ ।

ମୋର ମନେଅଛି, ଚାଉଳ ନିଅଣ୍ଟ ହୋଇଥିଲେ, ରାତି ଓଳି ଥାଳିଏ ଲେଖାଁ କୋଳଥ 'ପଇତି' ବହୁତ ଦିନ ଚଳିଥିଲା । ଆଉ ମନେଅଛି, ଆମ ଭାଗ ଦେଇଥିବା ଜମିରେ ବିଲାତି ଆଳୁ ଫଳିଥିଲା । ଚାଉଳ ଅଭାବ ହେଲା । ବାପା ନିର୍ଦ୍ଦେଶ ଦେଲେ, ଚାଉଳ ବଦଳରେ ସିଝା ଆଳୁ ହିଁ ଖାଦ୍ୟ ହେବ, କେତେବେଳେ ଓଳିଏ କେବେ ବା ଦିଓଳି । କୌଣସି ଅସୁବିଧା ହୋଇନାହିଁ ।

ନାଲି ନାଲି ବଡ଼ ବଡ଼ ଭାତ, କେମିତି ବେଣାଚେର ପରି ବାସ୍ନା ହୁଏ । ମୁଗଡାଲି କେବେ ଘିଅ, ବାସ୍ନା ଗୁଆ ଘିଅ ଶରଦୀ ମା' ଗଉଡୁଣୀ ଦିଏ । କେବେ ଦୁଧ । ଆମ ନଈର ମାଛପାଇଁ ତା'ର ନାଁ ଅଛି । ନାନା ଜାତି ଶାଗ । ଏମିତି ମଝିରେ ମଝିରେ ପରିପୂର୍ଣ୍ଣ ଭୋଜନ । ଆଉ କେବେ କୋଳଥ ପଇତି ।

ଶୀତଦିନେ ହେଁସ ଘୋଡ଼ିହେଉ । ବେଶି ଶୀତ ହେଲେ ମୋଟା ହେଁସ । ବହୁତ ଗରମ ହୁଏ । ଅନ୍ୟ ସମୟରେ ଯୋଡ଼ି ଚାଦର, 'ମାଠ', ଗରମ 'ଆଲୁଆନ' ବି ମନେ ଅଛି । କିନ୍ତୁ ବେଶି କାମରେ ଲାଗେ ଉହ୍ମେଇ ନତୁବା କେତେବେଳେ ନଡ଼ିଆ ପତ୍ର ଜାଳି ନିଆଁ ।

ଖରାଦିନେ ସପ ବିଛଣା, କିନ୍ତୁ ତାଠୁଁ ବଳି ଆରାମ ଲିପା ହୋଇଥିବା ମାଟି ପିଣ୍ଡା ଉପରେ ଲୁଗା ଖଣ୍ଡେ ବିଛେଇ ଦେଇ ଶୋଇ ପଡ଼ିବା ।

ସେତେବେଳେ ବି ମଶାପଲ ଥିଲେ ନିଶ୍ଚୟ । କିନ୍ତୁ ମଶାରି ପଡ଼ିବା ମନେନାହିଁ । ମଶାରି ନଥିଲା ବୋଲି ନିଦରେ ବ୍ୟାଘାତ ହେବା ବି ମନେନାହିଁ । ବୋଧହୁଏ ଉପାୟ ଥିଲା ସହଜ ।

ମଶକାୟ ଧୂମଃ ।

ମନେପଡୁଛି, ବାପାବୋଉ କେବେ କେବେ ଆମକୁ ଅପେକ୍ଷା କରୁଥିଲେ ତାଙ୍କ ଅତୀତର କେଉଁ ଭୋଗ ଭାଗ୍ୟର ଜୀବନ କଥା ମନେପକାଇ, କିନ୍ତୁ ମୋ ମନରେ କୌଣସି ପ୍ରକାର ଦାରିଦ୍ର୍ୟ ଅନୁଭୂତି କେବେ ହୋଇଥିବାର ମୋର ମନେନାହିଁ । ସେ ଆକ୍ଷେପର କାରଣ ମୁଁ ଆଦୌ ବୁଝିପାରେ ନାହିଁ । ମୋର କିଛି ଅଭାବ ନଥିଲା । ଗାଳି ନଖାଇଲେ ମୋର ସବୁଦିନେ ଆନନ୍ଦ, ମାଡ଼ କ୍ୱଚିତ୍ ଖାଇଚି । ବୋଉ ମାରେ ନାହିଁ । ବୋଉ ମୋର ଖାଲି ଜନ୍ମଦାତ୍ରୀ ନୁହେଁ, ସେ ହୋଇଥିଲା ମୋର ପ୍ରାଣରସ ଆହରଣ କରିବାର କ୍ଷେତ୍ର ।

ରାତି ଚାରିଟା ବେଳୁ ସେ ଉଠିପଡ଼େ, ଠାକୁରଙ୍କୁ ସ୍ମରଣ କରେ । ନିତ୍ୟକର୍ମ ଛିଣ୍ଡାଏ, ଘର ଲିପାପୋଛା, ଦୁଆର ଓଳେଇ ବାସିକାମ ସାରେ । ପାହାନ୍ତା ପହରକୁ ଗାଁର ଅନ୍ୟମାନଙ୍କ ସାଙ୍ଗେ ନଈକୁ ଯାଏ, ନଈପାଣି ସେଠୁ ଅଧମାଇଲିଏରୁ ବେଶି ଦୂର, ଗାଧୋଇ ଆସି ଚୁଲି ଲଗାଏ । ଆମକୁ କିଛି ଖାଇବାକୁ ଦିଏ । ରାତିରୁ କରି ରଖିଥାଏ ଗଇଁଠା, ଚକୁଳି କି ପୋଡ଼ପିଠା କି କିଛି । ନିଜେ ଶାଗ ପଖାଳ ଖାଏ । ଦିନଯାକ ଲାଗିଥାଏ କାମରେ, ତା' ଆଖିରେ ବହୁତ କାମ ପଡ଼େ । ଆମ ଆଖିରେ କାମ ନଥାଏ । ଦିନରେ ସେ ଖାଉଖାଉ ଦିନ ଦେଢ଼ଟାରୁ ଅଢ଼େଇଟା । ସମସ୍ତେ ଖାଇ ସାରିଥିବେ । ସମସ୍ତଙ୍କୁ ସୁଆଦିଆତକ ଅଜାଡ଼ି ଦେଇ ନିଜେ ବସି ବସି ଖୁଆଇବ । ସେଇ ତା'ର ଆନନ୍ଦ । ତା'ପରେ ଯାହା ବଳିଲା, ଯାହା ଆଉ କାହାର ଦରକାର ନାହିଁ, ସେହି ତା'ର ଖାଦ୍ୟ । ତା'ର ପରିଶ୍ରମ କରିବା ଶକ୍ତି ଅଦ୍ଭୁତ । ବରାଦ କରିବା, ବହୁତ ଲୋକଙ୍କୁ ଚଳେଇବା, ଏସବୁ ବିଷୟରେ ଦକ୍ଷତା ଅପରିସୀମ । ତା'ର ସେବା ଆଉ କିଏ କରୁ, ତାକୁ ଆଦୌ ରୁଚେ ନାହିଁ । ସେ ସମସ୍ତିଙ୍କର ସେବା କରିବ ।

ଘରେ ପୂଜାର ଧୁମ୍‌ଧାମ୍ ଲାଗି ରହିଥାଏ । ନାନା ବ୍ରତ, ଓପାସ, ଓଷା । ବର୍ଷକରେ ପାଞ୍ଚ ସାତ ମାସରୁ କମ୍ ନୁହେଁ । ଖଞ୍ଜାଯାକ ଘର ଲିପା ହୁଏ । ଘର ବାହାର ପରିଷ୍କାର୍ ଜିକ୍ ଜିକ୍ । ଫୁଲ ତୋଳାହୋଇ ଗଦା ହୁଏ । ନାନା 'ସାମଗ୍ରୀ' ସଂଗ୍ରହ କରିବାରେ ସମସ୍ତେ ବ୍ୟସ୍ତ ରହନ୍ତି । ଘରେଘରେ ପିଠାପଣାର ଚେଁ ଚାଁ, ପବନରେ ତା'ର ବାସ୍ନା । ତା'ପରେ ପୁରୋହିତ ଆସନ୍ତି, ପୂଜା ସଜା ହୁଏ । ରଂଗରଂଗର ମୁରୁଜ, ଗୁଣ୍ଡ, ନାନା ପଦାର୍ଥ, ଦୀପ ଜଳେ । ମନ୍ତ୍ରପଢ଼ା, ପୋଥିବୋଲା । ଥାଳି ଥାଳି 'ଭୋଗ' । ଘଣ୍ଟ ପିଟା, ଶଙ୍ଖ ହୁଳହୁଳି, ଭାରି ମଉଜ । ପୂଜା ସରେ । ତା'ପରେ ବ୍ରାହ୍ମଣ ଭୋଜନ, ଆଉ ଆମର ଓଷାବାର ଛଡ଼ା ପ୍ରତିଦିନ ଘରେ ଘରେ ପୂଜା, ପୁରାଣ ପଢ଼ା, ବାପାଙ୍କ ନିଶ୍ଚଳ 'ଧ୍ୟାନ' ।

ସେତେବେଳେ ମୋର ଦୁନିଆଁ ସେଇ ଗାଁ । ଆଉ ତା' ବାହାରେ ଅନ୍ୟ ପ୍ରକାର କିଛି ଥାଇପାରେ ଏଭଳି ଧାରଣା ନଥିଲା । ମୋର ମନେଅଛି, ଅପା ଖଣ୍ଡେ ମିଶ୍ରି ଖାଉଥିଲା ଯେ ମୁଁ କାବା ହୋଇ ପଚାରୁଥିଲି ସେ କି ପଦାର୍ଥ । ରସଗୋଲା ନାଁ ମୁଁ ଶୁଣିଥିଲି, ଆମ ଗାଁ କୀର୍ତ୍ତନ ଗୁଡ଼ିଆ ତାକୁ କରେ ନାହିଁ । ଲୁଗା ଏତେ ଆବଶ୍ୟକ ନଥିଲା, ମୋର ଖଣ୍ଡେ ଅଧେ ଥିଲା ସତ, କିନ୍ତୁ ଛ' ବର୍ଷ ଯାକେ ମୁଁ ସବୁବେଳେ ତାକୁ ପିନ୍ଧୁ ନଥିଲି । ଅବଶ୍ୟ ମୋର ଗୋଟିଏ ସାଜ- ଗୋଲାପୀ ମଖମଲର ପାଇଜାମା, କୁର୍ତ୍ତା ଓ ଜରିଦିଆ ଟୋପି ଥିଲା । ମତେ ଅନ୍ୟ ଗାଁକୁ ବୁଲେଇ ନେଲାବେଳେ ସେଥିରେ ମଣ୍ଡିତ କରାହେଉଥିଲା । 'ପିପରମେଣ୍ଟ ମିଠେଇ' ମୁଁ ଚିହ୍ନି ଥିଲି । କିଏ ହେଲେ ଆଣି ଦିଅନ୍ତି । ମୋର ମନେଅଛି, ଭାଇ ଯେତେବେଳେ ଦାନ୍ତଘଷା ଚୂର୍ଣ୍ଣ ଅଜାଡ଼ି ଦାନ୍ତ ଘଷିଲେ ମତେ କାବା ଲାଗିଲା ଓ ଜଇଦାଦି ଯେତେବେଳେ ରୁପାର ବୋତାମ କାମିଜରୁ ବାହାର କରିବାର ଦେଖିଲି, ମୁଁ ଆଶ୍ଚର୍ଯ୍ୟ ହେଲି ।

ଡାକ୍ତର ମୁଁ ଦେଖି ନଥିଲି, ବଇଦ ଦେଖିଛି, ମୁଣିରୁ ଗଦ ବାହାର କରନ୍ତି । ପିଲାଦିନେ ଦିଆସିଲି କାଠିର ଅଗରେ ଥିବା ରଂଜକ ପ୍ରତି ମୋର ବହୁତ ଲୋଭ ହେବାରୁ ମୁଁ ସେଥିରୁ ଗୁଡ଼ିଏ ଖାଇ ଦେଇଥିଲି, ରକ୍ତଝାଡ଼ା ଲାଗି ରହିଲା ମାସେ ଯାକେ । ବଇଦ ଭଲ କଲେ । ଚାହା ମୁଁ ଚିହ୍ନି ନଥିଲି । ଅନ୍ୟ ଗାଁରେ ପଠାଣ ସାହିରେ କୁକୁଡ଼ା ଦେଖିଛି । କେବେ ଭାବି ନଥିଲି ସେଗୁଡ଼ିକ ମଣିଷର ଖାଦ୍ୟ । ଚିନାବାଦାମ ମୁଁ ଦେଖିଲି ଆହୁରି କେତେବର୍ଷ ପରେ । ସେତେବେଳେ କାହ୍ନୁଭାଇ ମୋତେ ଚୋପାଗୁଡ଼ିଏ ଦେଇ ଚୋବେଇବାକୁ କହିଲେ । ଥୁ ଥୁ କରୁକରୁ ଧୂଳଭାଇ ସାହାଯ୍ୟ କଲେ । ମଦୁଆ ମୁଁ ଦେଖି ନଥିଲି । ସାଇକଲ, ମଟର, ସିନେମା, ଥିଏଟର୍ ଫୁଟ୍‌ବଲ୍ ଖେଳ ଏସବୁ ମୋତେ ଅଜଣା । ମୁଁ ଥିଲି ନିପଟ ମଫସଲିଆ ପିଲା । ଜୋତା ମାଡିଲି କଲେଜରେ । ପିଲାଦିନେ କଠଉ ମାଡୁଥିଲି । କିନ୍ତୁ ମୁଁ ମୋ ଦୁନିଆକୁ ଚିହ୍ନିବାର ସୁଯୋଗ ପାଇଥିଲି, ଆଖିରେ, ନାକରେ, କାନରେ, ଜିଭରେ, ଚମରେ ଚାଖିଥିଲି ଗାଁ କ'ଣ, ପଲ୍ଲିଶ୍ରୀ କ'ଣ । ସେ ସୁଯୋଗ ମୁଁ ମୋ ସନ୍ତାନମାନଙ୍କୁ ଦେଇପାରି ନାହିଁ ।


ସହରର ପିଲା କଳ୍ପନା କରିପାରିବ ନାହିଁ ଯାନ୍ତ୍ରିକ କୋଳାହଳ, ବ୍ୟସ୍ତତା, ଉତ୍ତେଜନା, ଉଦ୍‌ବେଗ, ଆଡ଼ମ୍ବର । ନିରାପତ୍ତା ଅପସରି ଗଲେ ଦୁନିଆଁ ଦିଶନ୍ତା କିମିତି - ସକାଳ, ଦିପହର, ସଂଜ, ରାତି । ବିନା ଆଲୁଅରେ ରାତି-କେମିତି ଦିଶନ୍ତା, ଲାଗନ୍ତା ଯେଉଁଠି ବଞ୍ଚିବାର ଏକମାତ୍ର ଉଦ୍ଦେଶ୍ୟ ବଞ୍ଚିବା, ଅନ୍ୟ ଉଦ୍ଦେଶ୍ୟ କି ଦୂରଭିସନ୍ଧି ନାହିଁ, ସେ ଜୀବନ କେମିତି, ସେ ସମାଜ କେମିତି !

ସେ ସୁଯୋଗ ପାଇବ ନାହିଁ ଜାଣିବାକୁ କଞ୍ଚା ଓଡ଼ିଆ ବୋଲି ଗାଉଁଲି ଲୋକଙ୍କ ତୁଣ୍ଡରେ କିଭଳି ସଂଗୀତ ସୃଷ୍ଟି କରି ଉଚ୍ଚାରିତ ହୁଏ, କି ବିଶେଷତ୍ୱ ସେ ବୋଲିର ଯେ କେତେ ଅଳ୍ପ କହିଲେ ବି କେତେ ଅର୍ଥ ବୁଝାଏ, କିଛି ନ କହି ବି ଦି' ଜଣ ଗାଁ ଲୋକ ମୁହାଁମୁହିଁ ହୋଇ ତୁନି ରହି କେମିତି ଭାବର ଆଦାନ ପ୍ରଦାନ କରନ୍ତି ।

ସେ ଜାଣିବାକୁ ସୁଯୋଗ ପାଇବେ ନାହିଁ ଯେ କୌଣସି ପର୍ବଦିନ ସହରରେ ବୁଲିଯାଇ କାନ ଫଟେଇ ଦେଉଥିବା ମାଇକ୍ ଗୀତର ରଡ଼ି ଶୁଣିବା ପରିବର୍ତ୍ତେ (ଆମ ଗାଁ ହୋଇଥିଲେ ଗୋଧମାନେ ଏ ଗଛରୁ ସେ ଗଛ ଡିଅଁନ୍ତେ ଓ ଗୋରୁ ହୁରୁଡ଼ନ୍ତେ) ନଈ ବନ୍ଧେ ବନ୍ଧେ ଆମ ଗାଁକୁ ଗଲେ ପାଖରୁ, ଦୂରରୁ, ନଈ ସେ ପାରିରୁ ନାନା ସ୍ଥାନରୁ ଶଙ୍ଖ ହୁଳହୁଳି ଶବ୍ଦ କେମିତି ଶୁଭେ, କୁଆଁର ପୂନେଇ ପାଖ ହେଲେ ରାତିରେ ଗାଁ ଗାଁକରୁ ଫୁଲବଉଳବେଣୀ ଗୀତ କେମିତି ଶୁଭେ ।

* * *

**'ମାଟି ମଟାଳ' ଉପନ୍ୟାସ ପାଇଁ 'ଜ୍ଞାନପୀଠ' ପୁରସ୍କାର ପାଇଥିବା ବିଶିଷ୍ଟ ସାହିତ୍ୟିକ ଗୋପୀନାଥ ମହାନ୍ତିଙ୍କ ଆତ୍ମଜୀବନୀ 'ସ୍ରୋତସ୍ୱତୀ'ରୁ ଉଦ୍ଧୃତ ।**



**ଡକ୍ଟର ଶ୍ରଦ୍ଧାକର ସୂପକାର (୧୯୧୫-୧୯୯୩)**

# 'ବୁଲି ବୁଲି ଖଦଡ଼ଲୁଗା ବିକୁ'

ଆମ ବଂଶରେ ଏକୋଇଶିଆ ହୁଏ ନାହିଁ । ତେଣୁ ନାମକରଣ ଓ ଅନ୍ନପ୍ରାଶନ ଏକାସାଙ୍ଗରେ ହୁଏ । ମୋର ନାଆଁଟି ମୋର ଜେଜେବାପା ଓ ଜେଜେମାଆ ବାଛିଥିବେ ବୋଲି ଅନୁମାନ କରେ । ମୋର ବଡ଼ବାପାମାନଙ୍କର ପୁଅମାନଙ୍କ ନାମ ଆଗରୁ ପ୍ରଭାକର, ନିରାକାର, ବଂଶୀଧର ହୋଇଥିଲା । ଶ୍ରଦ୍ଧାକର ନାମଟି ଖାଣ୍ଟି ସମ୍ବଲପୁରିଆ ନାମ । ଯେପରି ଦିବ୍ୟସିଂହ ନାମଟି ଖାଣ୍ଟି ପୁରିଆ ନାଆଁ, ଦଣ୍ଡପାଣି ଖାଣ୍ଟି ଗଞ୍ଜାମୀ ଓ ଲଡ୍ଡୁକେଶ୍ୱର ନାମ ନୟାଗଡ଼ ନିବାସୀର; ସେହିପରି ସମ୍ବଲପୁରିଆ ନାମଟି ଶ୍ରଦ୍ଧାକର ବୋଲି ଚିହ୍ନେଇ ଦିଏ ।

ଏପରି ନାମ ସମ୍ବଲପୁର ଜିଲ୍ଲା ବାହାରେ ପ୍ରାୟ ଚଳେ ନାହିଁ । ପୂର୍ବକାଳରେ ନାମକରଣ, ଅନ୍ନପ୍ରାଶନ ଆଦି ସଂସ୍କାରମାନଙ୍କରେ ଯେଉଁ ମର୍ଯ୍ୟାଦା ବା ମୂଲ୍ୟ ଥିଲା, ଆଜିକାଲି ଆଉ ତାହା ନାହିଁ । ଶୁଭଲଗ୍ନ ଦେଖି ପିଲାଙ୍କୁ ନବବସ୍ତ୍ର ପିନ୍ଧାଇ ପୁରୋହିତଙ୍କର ମନ୍ତ୍ରପାଠ ସହ ବନ୍ଧୁବାନ୍ଧବମାନଙ୍କ ଉପସ୍ଥିତିରେ ଭାତ ଖୁଆ ଓ ନାଆଁ ଦିଆ ହେଉଥିଲା । ଏହା ପରେ ଦେବମନ୍ଦିରକୁ ଯାଇ ଶିଶୁକୁ ଦେବ ଦର୍ଶନ କରାଇବା ଓ ପରେ ବ୍ରାହ୍ମଣମାନଙ୍କୁ ଭୋଜନରେ ଆପ୍ୟାୟିତ କରାଇବା ସାଙ୍ଗକୁ ସଂଧ୍ୟା ସମୟରେ ସତ୍ୟନାରାୟଣ ପୂଜା ଅନ୍ନପ୍ରାଶନର ଅପରିହାର୍ଯ୍ୟ ଅଙ୍ଗ ଥିଲା ।

ପିଲାମାନଙ୍କର ପେଟ ଗୋଳମାଳ ନ ହେବାପାଇଁ ଓ ସେମାନଙ୍କର ସାଧାରଣ ସ୍ୱାସ୍ଥ୍ୟର ଉନ୍ନତିପାଇଁ ଆଜିକାଲି 'ଗ୍ରାଇପ୍ ମିକ୍ସ୍ଚର' ଆଦି ଔଷଧ ବ୍ୟବହୃତ ହେଉଛି । ମାତ୍ର ସେ ଯୁଗରେ ସେପରି ଔଷଧ ନଥିଲା । ପ୍ରତ୍ୟେକ ଶିଶୁର ବୟସ ବର୍ଷେ, ଦେଢ଼ ବର୍ଷ ହେବା ପର୍ଯ୍ୟନ୍ତ ତାକୁ ଅତି ଅଳ୍ପ ମାତ୍ରାରେ ଅଫିମ ଖାଇବାକୁ ଦିଆଯାଉଥିଲା । ସକାଳେ ଓ ସଂଧ୍ୟାରେ ପିଲାଙ୍କୁ ସେକି ଗାଧୋଇ ଦେଲା ପରେ ସେଇ ଅଫିମରୁ ସାମାନ୍ୟ ଟିକିଏ ଖୁଆଇ ଦେଲେ ପିଲାଏ ବେଶୀ କାନ୍ଦିବେ ନାହିଁ ଓ ସେମାନଙ୍କର ସାଧାରଣ ସ୍ୱାସ୍ଥ୍ୟ ଭଲ ରହିବ ବୋଲି ବିଶ୍ୱାସ କରାଯାଉଥିଲା । ତେଣୁ ମୁଁ ପିଲା ଦିନେ ବର୍ଷେ ଦେଢ଼ ବର୍ଷ ମଧ୍ୟରେ ପ୍ରାୟ ତୋଳାଏ ଅଫିମ ସେବନ କରିଥିବି ବୋଲି ଅନୁମାନ କରୁଛି । ଏହି ଅଫିମ ମୋର ପରବର୍ତ୍ତୀ ଜୀବନର ଆଳସ୍ୟପରାୟଣତାପାଇଁ କେତେଦୂର ଦାୟୀ, ତାହା ବିଚାର୍ଯ୍ୟ । ଅବଶ୍ୟ ଆଜିକାଲିର ଅଧିକାଂଶ ଔଷଧରେ ଆଲ୍କୋହଲ୍ କିଛି କିଛି ଥାଏ ଓ ତାହା ଆଳସ୍ୟପାଇଁ ଦାୟୀ ନୁହେଁ ବୋଲି କୁହାଯାଇପାରେ ।

ସେ ଯୁଗରେ ଛୋଟ ଛୋଟ ପିଲାଙ୍କୁ ଖୁଆଇବାପାଇଁ ଅଧିକାଂଶ ଘରେ ଅଫିମ ରଖାଯାଉଥିଲା ଓ ଏହା ଫଳରେ କେବେ କେବେ ଦୁର୍ଘଟଣା ଘଟିବାର ଦେଖା ଯାଉଥିଲା । ଯଦି ମାଆର ଅସାବଧାନତାଯୋଗୁଁ ଓ ଅନୁପସ୍ଥିତିରେ ଅଫିମ ଫରୁଆ ଛୋଟ ପିଲା ହାତରେ ପଡ଼ିଲା ଓ ସେ ତାହାକୁ ଫିଟାଇ ତହିଁରୁ କିଛି ଖାଇଦେଲା, ତାହାହେଲେ ତାହାର ଜୀବନ ନାଶ ହେବାର ଭୟ । ଏହିପରି ଗୋଟିଏ ଦୁଇଟି ଦୁର୍ଘଟଣା ଘଟିଥିବାର ମୋର ମନେପଡ଼ୁଛି । ସେ ଯୁଗରେ ବୟସ୍କ ଅଫିମଖୋରଙ୍କ ସଂଖ୍ୟା ସମାଜରେ ଅଧିକ ଥିଲା । ଜଣେ ଅଫିମଖୋର ବୁଢ଼ାକୁ ସାପ କାମୁଡ଼ି ଦେବାରୁ ସାପଟି ମରିଗଲା ଅଥଚ ଲୋକଟିର କୌଣସି କ୍ଷତି ହେଲାନାହିଁ ବୋଲି ମଧ୍ୟ ଶୁଣାଗଲା ।

ସେ ଯୁଗରେ ଛୋଟ ବୟସରୁ ପୁଅମାନଙ୍କୁ ମଧ୍ୟ ଅନେକ ଅଳଙ୍କାର ପିନ୍ଧିବାକୁ ହେଉଥିଲା । ମୁଁ ଶୈଶବକାଳରେ ହାତରେ ରୂପାର ବଳା ଯୋଡ଼ିଏ ପିନ୍ଧୁଥିଲି, ଅଣ୍ଟାରେ

ରୂପାର ଅଣ୍ଟାସୂତା ବା ଘୁନସ ପିନ୍ଧୁଥିଲି । ସେହି ଅଣ୍ଟାସୂତାଯୋଗୁଁ ବୋଧହୁଏ ମୋର ଅଣ୍ଟାରେ ଘାଆ ହୋଇଥିଲା ଓ ତହିଁର ଚିହ୍ନ ଆଜି ପର୍ଯ୍ୟନ୍ତ ରହିଛି ।

ମୁଁ ମାଆ ବାପାଙ୍କର ଦ୍ୱିତୀୟ ସନ୍ତାନ ଓ ଏକମାତ୍ର ପୁତ୍ର । ଶୈଶବରେ ମାଆଙ୍କର ସ୍ନେହ କେବଳ କଳ୍ପନାର ବିଷୟ ହୋଇପାରେ । ମାଆ ଅତି ସ୍ନେହମୟୀ ପ୍ରକୃତିର ଥିଲେ । ସେ କେବେ ମୋତେ ତିରସ୍କାର କରି ନାହାନ୍ତି । ମୋର ଦଶ ବର୍ଷ ବୟସରେ ମାଆଙ୍କର କାଳ ହେଲା । ଏଗାର ବର୍ଷରେ ପାଞ୍ଚଟି ସନ୍ତାନ ପ୍ରସବ କରି ବୋଧହୁଏ ତାଙ୍କର ସ୍ୱାସ୍ଥ୍ୟ ଭାଙ୍ଗିପଡ଼ିଲା । ସେଥିପାଇଁ ୧ ୯ ୨ ୪ ମସିହାରୁ ସେ ରୋଗଶଯ୍ୟାରେ ପଡ଼ିଲେ ଓ ୧ ୯ ୨ ୫ ମସିହା ବୈଶାଖ ମାସ ଦ୍ୱିତୀୟା ଦିନ ତାଙ୍କର ମୃତ୍ୟୁ ହେଲା । ମାଆ ଓଷା ବ୍ରତ କରୁଥିଲେ । ମାର୍ଗଶିର ଗୁରୁବାର ଦିନ ଏକ ଓଳି ଓପାସ କରୁଥିଲେ । ସେ ଅବସର ସମୟରେ ପୁରାଣମାନ ଗାଆନ୍ତି । ସେ 'ଚିତ୍ତବୋଧ' ଓ 'ହରିବଂଶ' ଆଦି ଗ୍ରନ୍ଥମାନ ଓ ମାର୍ଗଶିର ମାସରେ 'ଲକ୍ଷ୍ମୀପୁରାଣ' ଗାଉଥିଲେ- ଏ ସବୁ ମୋର ଏବେ ସୁଦ୍ଧା ମନେଅଛି ।

ସେ ସମୟରେ ଘରେ ଘରେ ଚରଖା ଚଳାଇବାପାଇଁ ଆନ୍ଦୋଳନ ହେଉଥାଏ । ସମ୍ବଲପୁର ଜିଲ୍ଲାରେ ପୂର୍ବରୁ ଚାଲି ଆସୁଥିବା ପୁରୁଣାକାଳିଆ କାଠ ରହଁଟା ଅନେକ ବିକ୍ରି ହେଉଥାଏ । ବାପା କିନ୍ତୁ ସାଇକେଲ୍ ରିମ୍, ଲୁହା ତାକୁଡ଼ି ଓ କାଠ ସାହାଯ୍ୟରେ ଗୋଟିଏ ବଡ଼ ଚରଖା ତିଆରି କରିଥିଲେ ଓ ମୁଁ ସେହି ଚରଖାରେ ସୂତା କାଟିବାର ଅଭ୍ୟାସ କଲି । ଜାତୀୟ ବିଦ୍ୟାଳୟରେ ସୂତାକଟା ଓ ଲୁଗାବୁଣା ଶିଖାଯାଉଥାଏ । ସେ ବିଷୟରେ ଗଣେଶ ପ୍ରସାଦ ପାଢ଼ୀ (ଯେ କି ତହିଁ ପୂର୍ବରୁ ଓଭରସିଓର ଥିଲେ ଓ ଇସ୍ତଫା ଦେଇ ଜାତୀୟ ବିଦ୍ୟାଳୟରେ ଯୋଗ ଦେଲେ) ଉତ୍ସାହର ସହିତ ତହିଁର ସଂଗଠନ କରିଥିଲେ । ଧନ୍ଦାମୂଳକ ଶିକ୍ଷାଦାନ ଜାତୀୟ ବିଦ୍ୟାଳୟର ଏକ ମୁଖ୍ୟ ଉଦ୍ଦେଶ୍ୟ ଥିଲା ।

ଜାତୀୟ ବିଦ୍ୟାଳୟର ଛାତ୍ରମାନେ ରବିବାର ଓ ଛୁଟିଦିନମାନଙ୍କରେ ସହରର ବିଭିନ୍ନ ରାସ୍ତାରେ ଓ ଗଳିମାନଙ୍କରେ ବୁଲି ଖଦଡ଼ କପଡ଼ା ବିକ୍ରି କରିବାକୁ ବାହାରନ୍ତି । ମୁଁ ମଧ୍ୟ ଆମ ଘର ଛାତ୍ରମାନଙ୍କ ସହିତ ଲୁଗା ବିକ୍ରି କରିବାକୁ ବାହାରେ । କାନ୍ଧରେ ଥାନେ, ଦୁଇଥାନ ଖଦି ଲୁଗା ଧରି ସେମାନଙ୍କ ସଂଗେ ବୁଲାବିକାଳିଙ୍କ ପରି 'ସ୍ୱଦେଶୀ କପଡ଼ା' ବୋଲି ଡାକି ଡାକି ଯାଏ । ଆମର ଲୁଗା ବିକ୍ରି ହୁଏ । ମୋର ମନେଅଛି, ଥରେ ଲୁଗା ବିକିବାପାଇଁ ସହରର ଚାରିଆଡ଼େ ବୁଲି ବୁଲି ଭୁଲିଆ ପଡ଼ାରେ ଲିଙ୍ଗରାଜ ମେହେରଙ୍କ ଦୋକାନ ପାଖରେ ପହଞ୍ଚିଲୁ । ଲିଙ୍ଗରାଜବାବୁ ମୋର ବାପାଙ୍କର ବନ୍ଧୁ । ସେ ମୋର ପରିଚୟ ପାଇ ପଚାରିଲେ 'ଗଜକ କେତେ ଗିରା ?' ତୁମେ କପଡ଼ା ଗିରାକୁ କେତେ ଦରରେ ଦେବ ? ମୁଁ ସେତେବେଳକୁ ନିମ୍ନ ପ୍ରାଥମିକ ଶ୍ରେଣୀର ଛାତ୍ର, ସ୍କୁଲ୍‌ରେ ପଢ଼ା ହେଉଥିବା ଗଜ, ଫୁଟ, ଇଞ୍ଚ

ହିସାବରେ ମୁଁ ଓସ୍ତାଦ୍ । କିନ୍ତୁ ଏ ଲୁଗା ମାପ ଗଜ ବିଷୟରେ ମୋର ବିଲ୍‌କୁଲ୍ ଧାରଣା ନଥିବାରୁ ମୁଁ ତାଙ୍କର ପ୍ରଶ୍ନର ଉତ୍ତର ଦେଇ ପାରିଲି ନାହିଁ । ଏହି କଥାଟି ମୋର ସ୍ପଷ୍ଟ ମନେଅଛି । ମୁଁ ଯେତେ ସୂତା କାଟିଥିଲି, ତାହାକୁ ନେଇ ଗୋଟିଏ ଆଠ ନଅ ହାତ ସମ୍ବଲପୁରି ଶାଢ଼ି ବୁଣା ହୋଇଥିଲା, ମୋର ଛାତ୍ରାବସ୍ଥାରେ ।

ମାଆଙ୍କର ଜୀବନଦୀପ ଧୀରେ ଧୀରେ ଲିଭି ଆସୁଥିଲା । ସେ ରାତିର ଜାଗ୍ରତ ସମୟରେ ମୁଁ ପ୍ରାର୍ଥନା କରି ଚାଲିଥାଏ । ତହିଁ ଆରଦିନ ସକାଳ ନଅଟାରେ ମାଆଙ୍କର ପରଲୋକ ହେଲା । ସେତେବେଳେ ତାଙ୍କର ବୟସ ଥିଲା ମାତ୍ର ୩୦ବର୍ଷ ।

ସେ ଦିନରୁ ଅର୍ଦ୍ଧ ଶତାବ୍ଦୀରୁ ଅଧିକ ବର୍ଷ ବିତି ଯାଇଛି । ମାତୃ ସ୍ନେହର ସ୍ମୃତିଚିହ୍ନ କ୍ଷୀଣ ହୋଇ ଆସିଛି । କିନ୍ତୁ ସେହି ସ୍ନେହର ଅଭାବ ମନରେ ଚିରସ୍ଥାୟୀ ଛାପ ଆଙ୍କି ଯାଇଛି । ପାଖପଡ଼ିଶା ପିଲାମାନେ ଯେତେବେଳେ ନିଜ ନିଜ ମାଆମାନଙ୍କଠାରୁ ଆଦର ଯତ୍ନ ପାଉଥିଲେ, ତାହା ଦେଖି ମନେ ହୋଇଛି- ମୁଁ କେତେ ଗରିବ ! ମାଆ ବଞ୍ଚିଥିବା ବେଳେ ମୁଁ ସ୍କୁଲ୍‌ରୁ ଫେରିବା ବେଳକୁ ତାଙ୍କର ପ୍ରତୀକ୍ଷା, ତାଙ୍କର କୋଳରେ ମୁଣ୍ଡଦେଇ କାନ୍ଦିବାର, ହସିବାର, କଥା କହିବାର ସ୍ମୃତିକୁ ଦରିଦ୍ରର ସମ୍ବଳ ପରି ସାଇତି ରଖିଛି ମନର ଗମ୍ଭୀରାରେ । ଅଭାବକୁ ସ୍ୱୀକାର କରିବାକୁ କୁଣ୍ଠାବୋଧ କରି ବହୁବାର ଶିଶୁ ସୁଲଭ କଳ୍ପନା କରିଛି, ଯଦି କେଉଁ ଋଷି, ମୁନି ବା ଭଗବାନ ମାଆଙ୍କର ଶ୍ମଶାନ ଭସ୍ମକୁ ନେଇ ମନ୍ତ୍ରବଳରେ ଜୀବନ୍ୟାସ କରନ୍ତେ, ମାଆଛେଉଣ୍ଡ ପିଲା ସହଜରେ ମୃତ୍ୟୁକୁ ସ୍ୱୀକାର କରନ୍ତା ନାହିଁ ।


ମୁଁ ଦଶ ବର୍ଷର ପିଲା ଥିବାରୁ ମୁଖାଗ୍ନି ଦେବାପାଇଁ ଶ୍ମଶାନକୁ ଯାଇନାହିଁ । କିନ୍ତୁ ଶୁଦ୍ଧ ଶ୍ରାଦ୍ଧ ମୋଦ୍ୱାରା କରାଇବାପାଇଁ ସମାଜର ଗୁରୁଜନମାନେ ପରାମର୍ଶ ଦେଲେ । ମୁଁ ସେହି ଦାୟିତ୍ୱ ତୁଲାଇବାକୁ ରାଜି ହେଲି । ଦଶ ଦିନ ପର୍ଯ୍ୟନ୍ତ ତଳେ ଶୋଇବା, ଦିନକୁ ବେଳାଏଁ ଲେଖାଏଁ ପଖାଳ ଖାଇବା, ପ୍ରତିଦିନ ନଦୀ ଘାଟରେ ପିଣ୍ଡ ଦେବା ଆଦି କାର୍ଯ୍ୟ ମୋ ପକ୍ଷରେ କଷ୍ଟକର ହେଲେ ମଧ୍ୟ ଅସାଧ୍ୟ ନଥିଲା । ଅନ୍ଧାର ଓ ପ୍ରେତଭୟ ଦୂର କରିବାପାଇଁ ଯେତେଦୂର ସମ୍ଭବ ଅଧିକ ଗାୟତ୍ରୀ ମନ୍ତ୍ର ଜପ କରିବାକୁ ବାପାଙ୍କର କାକା ଅନନ୍ତରାମ ସୁଆର ମୋତେ ପରାମର୍ଶ ଦେଲେ ଓ ମୁଁ ସେହି ପରାମର୍ଶ ଯଥାସାଧ୍ୟ ପାଳନ କଲି । ପୁଷ୍କରଦୋଷ ଖଣ୍ଡନପାଇଁ ଏକାଦଶାହ ରାତିରେ ହୋମ କରିବା ଓ ଅଧ ରାତିରେ ନଦୀଘାଟରେ ପିଣ୍ଡ ଦେବା କଥା ଆଜି ଯାଏ ମନେଅଛି । ଦ୍ୱାଦଶ ଦିନ ଶ୍ରାଦ୍ଧ ଶେଷ ହେବା ପର୍ଯ୍ୟନ୍ତ ଏହି କାର୍ଯ୍ୟବ୍ୟସ୍ତତା ଶୋକର ତୀବ୍ରତାକୁ ଆଂଶିକ ଭାବରେ ଉପଶମ କରିବାରେ ସାହାଯ୍ୟ କରେ । ଏଥିପାଇଁ ମୋ ପରି ଅଳ୍ପବୟସ୍କ ପିଲାଦ୍ୱାରା ଶୁଦ୍ଧ ଶ୍ରାଦ୍ଧକ୍ରିୟା କରାଇବା ଯଥାଯଥ ହୋଇଥିଲା ।

ଆମ ପଡ଼ାରେ ରହୁଥିବା ଗୋକୁଳ ଚନ୍ଦ୍ର ପୂଜାରୀଙ୍କ ଝିଅ ମନୋରମାଙ୍କ ସହିତ ମୋର ବିବାହ ସଂପର୍କ ପକ୍‌କା ହୋଇଗଲା । ସେତେବେଳେ ମୋର ବୟସ ଆଠ ବା ନଅ ବର୍ଷ । ମୋର ଭବିଷ୍ୟତ ପତ୍ନୀଙ୍କର ବୟସ ତିନି ବର୍ଷ । ଆମ ଶାସ୍ତ୍ରକାରମାନେ ଯେଉଁଦିନ ଲେଖିଦେଲେ 'ନଗ୍ନିକାମୁଦ୍‌ବହେତ୍ ସ୍ତ୍ରିୟମ୍' 'ଅଷ୍ଟବର୍ଷାତ୍ ଭବେତ୍ ଗୌରୀ' ଆଦି ସେ ସମୟରୁ ହୁଏତ ବିବାହିତା ସ୍ତ୍ରୀର ସତୀତ୍ୱ ସଂରକ୍ଷିତ ହେବା ଉଦ୍ଦେଶ୍ୟରେ ଏ ବିଧାନ କରାଯାଇଥିଲା । ମାତ୍ର ଜାତିର ପୌରୁଷ ଉପରେ ଏହାର ପ୍ରଭାବ ବିଷୟରେ ଶାସ୍ତ୍ରକାରମାନେ ହୁଏତ ଯଥେଷ୍ଟ ଚିନ୍ତା କରି ନଥିଲେ ।

ବିବାହ ପ୍ରସ୍ତାବ ଦିନଠାରୁ ରାସ୍ତାରେ ଶିଶୁ କନିଆଁ ସାଙ୍ଗରେ କେଉଁଠି ଦେଖାହେଲେ ମୋର ମୁହଁ ବୋଧହୁଏ ଲାଜରେ ଲାଲ୍ ହୋଇ ଯାଉଥିଲା ଓ ସେ ମୋତେ ବର ବୋଲି ମୋଠାରୁ ଲୁଚିବାକୁ ଶିଖୁଥିଲା ତିନି ଚାରି ବର୍ଷ ବୟସରେ । ସେ ଯୁଗର ପିଲା ବର କନିଆଙ୍କର ସଂପର୍କ ଓ ପରସ୍ପର ପ୍ରତି ଲାଜ ଓ ସଙ୍କୋଚ ଥିଲା ଅତି ଗୁରୁତର କଥା । ଆଜି ଏତେ ବର୍ଷ ପରେ ଏପରି ଘଟନା ଅତି ହାସ୍ୟାସ୍ପଦ ମନେ ହେଉଛି, କିନ୍ତୁ ସେ ଯୁଗରେ ତାହା ଥିଲା ସ୍ୱାଭାବିକ ।

* * *

**ଓଡ଼ିଶାର ଶିକ୍ଷା, ସଂସ୍କୃତି ଓ ରାଜନୀତି କ୍ଷେତ୍ରର ସୁଖ୍ୟାତ ବ୍ୟକ୍ତିତ୍ୱ ଡକ୍ଟର ଶ୍ରଦ୍ଧାକର ସୂପକାରଙ୍କ ଆତ୍ମଜୀବନୀ 'ମଧ୍ୟମ ପୁରୁଷ'ରୁ ଉଦ୍ଧୃତ ।**



**ଡକ୍ଟର ଶ୍ରୀରାମଚନ୍ଦ୍ର ଦାଶ (୧୯୧୮-୧୯୯୪)**

# 'ଆପଣ ଭାତ ଖାଆନ୍ତି ନା ସୁନା ?'

ଆମ ଘର ଅଳକା ନଈ କୂଳରେ । ଅଳକା ନଈ କାଠଯୋଡ଼ିର ଗୋଟିଏ ଆଡ଼ି ନଈ । ଦେବୀ ନଈ ଆମ ଘର ଦାଢ଼ରେ ଯାଇଛି । ଖରାଦିନେ ଅଳକା ନଈର ପାଣି ଲୁଣି ହୁଏ ଓ ବର୍ଷା ଦିନେ ପ୍ରବଳ ବଢ଼ି ଆସେ । ମୋର ଆଈମାନେ ଥଟ୍ଟା କରି ମୋତେ କହୁଥିଲେ ଯେ, ମୁଁ କୁଆଡେ ବଢ଼ି ବେଳେ ଗୋଟିଏ ମାଟି ହାଣ୍ଡି ଭିତରେ ଅଳକା ନଈରେ ଭାସି ଆସିଥିଲି । ମୋ ବୋଉ ସେ ହାଣ୍ଡିଟିକୁ ଆଣି ଖୋଲି ଦେବାରୁ ମୋତେ ପାଇଗଲା । ଏକ ପକ୍ଷେ ଦେବୀ ନଈ, ଅନ୍ୟ ପକ୍ଷେ ଅଳକା ନଈ ପିଲାଦିନେ ମୋତେ କେବଳ ବଢ଼ି ସହିତ ପରିଚୟ କରାଇ

ନଥିଲା; ବନ୍ୟାପ୍ଲାବନ, ଘାଇଭଙ୍ଗା କ୍ଷତି ଓ ନଈ ପହଁରା ସହିତ ଚିହ୍ନା ପରିଚୟ କରାଇ ଦେଇଥିଲା । ପିଲାଦିନେ କୌତୂହଳ ସହିତ ମୁଁ ଗାଁ ପିଲାଙ୍କ ସାଙ୍ଗରେ ନଈରେ ମୁଗୁରା ବସାଇବାକୁ ଯାଉଥିଲି । ଓଡ଼ିଶା ଗୋଟିଏ ନଦୀମାତୃକା ରାଜ୍ୟ । ସେହିପରି ଆମ ଗାଁଟି ମଧ୍ୟ ନଦୀମାତୃକା ।

ଆମକୁ ରାୟଗୁରୁ ବଂଶ କୁହାଯାଏ । ଆମ ଗାଁର ରାଜସ୍ୱ ନାମ ସୁକିନ୍ଦା ହେଲେ ହେଁ ଆମ ବ୍ରାହ୍ମଣ ଶାସନଟିର ନାମ ଥିଲା ବୀରନରସିଂହପୁର । ଏହି ନାମରେ ପୁରୀ ଜିଲ୍ଲାରେ ବି ଗୋଟିଏ ଗାଁ ଅଛି । ଆମ ଗାଁର ନାମକରଣ କାହିଁକି ଏପରି ହୋଇଛି ସେ ଇତିହାସ କେହି କହିପାରୁ ନାହାନ୍ତି । ତଥାପି ଏତିକି ଶୁଣାଯାଏ ଯେ, ମୋର ପୂର୍ବପୁରୁଷମାନେ ହରିଶପୁର ରାଜାଙ୍କଦ୍ୱାରା ନିମନ୍ତ୍ରିତ ହୋଇ ସେ ଗାଁକୁ ଆସିଥିଲେ । ହରିଶପୁର ରାଜାଙ୍କର ଏବେ ଏରସମା ଥାନାର ବଙ୍ଗୋପସାଗର କୂଳରେ ଅବସ୍ଥିତ ସରମନ୍ତଠାରେ ଜଗନ୍ନାଥଙ୍କ ମନ୍ଦିର ଅଛି । ପୁରୀ ପରି ସେଠାରେ ତ୍ରିମୂର୍ତ୍ତି ବିରାଜମାନ । ହରିଶପୁର ରାଜାଙ୍କ ପୁରାତନ ଗଡ଼ରେ ଚଣ୍ଡୀ ମନ୍ଦିର ଅଛି । ତାହା ମଧ୍ୟ ସମୁଦ୍ର କୂଳରେ ଅବସ୍ଥିତ । ଇଂରେଜମାନେ ତାଙ୍କ ବିରୋଧୀ କନିକା, କୁଜଙ୍ଗ, ହରିଶପୁର, ମରିଚପୁର ରାଜାଙ୍କୁ ପଦଚ୍ୟୁତ କରି ଜମିଦାରୀରେ ପରିଣତ କରିଥିଲେ । ହରିଶପୁର ରାଜଗାଦି ଉଠିଗଲା । ଏହା ଗୋଟିଏ ଜମିଦାରୀ ହୋଇଯିବାରୁ ଲର୍ଡ କର୍ଣ୍ଣୱାଲିସ୍‌ଙ୍କ ସୂର୍ଯ୍ୟାସ୍ତ ଆଇନ ଅନୁସାରେ ବାକି ରାଜସ୍ୱପାଇଁ ଜମିଦାରୀଟି କଲିକତା ହାଇକୋର୍ଟରେ ନିଲାମ ହେଲା । କଲିକତାର ଦୁଇ ନମ୍ବର କର୍ଣ୍ଣୱାଲିସ୍ ଷ୍ଟ୍ରୀଟ୍‌ରେ ଥିବା ଗୋକୁଳ ଚନ୍ଦ୍ର ଲାହା ଏହାକୁ କିଣି ନେଇଥିଲେ । ମୋ ଜନ୍ମ ବେଳକୁ ଗୋକୁଳ ଚନ୍ଦ୍ର ଲାହା ଓ ତାଙ୍କ ଭାଇ ବୃନ୍ଦାବନ ଚନ୍ଦ୍ର ଲାହା ଆମ ଜମିଦାର ଥିଲେ ।

ମୁଁ ଜନ୍ମ ହୋଇଥିଲି ୧୯୧୮ ମସିହା ନଭେମ୍ବର ମାସ ୧୭ ତାରିଖ ରବିବାର କାର୍ତ୍ତିକ ପୂର୍ଣ୍ଣିମା ଦିନ ପ୍ରାତଃ ସାଢ଼େ ଚାରିଟା ବେଳେ । ମୁଁ ବଡ଼ବଡ଼ିଆଙ୍କଠାରୁ ଶୁଣିଛି, ଗାଁ ମାଇପେ ସେଦିନ ସକାଳୁ ଉଠି କଦଳୀ ପାଟୁଙ୍ଗା ଡଙ୍ଗା ଭସାଇବା ଲାଗି ଡକାଡକି ହୋଇ ଅଳକା ନଦୀକୁ ବାହାରିଲେ । ସେମାନେ ବୋଉକୁ ଡାକିଲେ। ବୋଉ ଡଙ୍ଗା ଧରି ବାହାରିଛି, ଏଇ ସମୟରେ ତା' ପେଟ କାଟିଲା ପରି ଜଣାପଡ଼ିଲା ଓ ମୁଁ ଜନ୍ମ ହୋଇପଡିଲି । ଆମ ଘରେ ବୋଉ ଛଡ଼ା ଆଉ କୌଣସି ସ୍ତ୍ରୀଲୋକ ନଥିଲେ ।

ମୁଁ ୧୯୨୭ରେ ବୃତ୍ତି ପରୀକ୍ଷା ଦେବାପାଇଁ ତିର୍ତ୍ତୋଲ୍‌ର ମଣିଜଂଗା ଯାଇଥିଲି । ବିଲବାଟରେ ତାହା ଆମ ଗାଁଠାରୁ ପ୍ରାୟ ୬୦ କିଲୋମିଟର ଦୂର । ମୋତେ ସେତେବେଳକୁ ନଅ ବର୍ଷ ପୂରି ଦଶବର୍ଷ ଚାଲିଛି । ମୁଁ ଏତେ ବାଟ ଚାଲିକରି ଯାଆନ୍ତି ବା କିପରି ? ପରୀକ୍ଷା

ଡିସେମ୍ବର ମାସ ଆରମ୍ଭରେ ହେଲା । ନନା ଓ ମାଷ୍ଟ୍ରେମାନେ ଅଧିକାଂଶ ବାଟ କାନ୍ଧରେ ବସାଇ ନେଇଯାଇଥିଲେ । ପରୀକ୍ଷା ଆରମ୍ଭ ହେବାର ଦୁଇଦିନ ଆଗରୁ ମୁଁ ଆମ ଗାଁ ଛାଡ଼ିଥିଲି । ଓଚିନ୍ଦା ଦାଶଙ୍କ ବନ୍ଧୁ ଚଇନୀ ଘର ନରୁଆରେ ଥିଲା । ଆମେ ପ୍ରଥମ ଦିନ ରାତିରେ ତାଙ୍କ ଘରେ ରହିଲୁ । ଦ୍ୱିତୀୟ ଦିନ ମଣିଜଙ୍ଗାରେ ପହଞ୍ଚିଲୁ । ଲକ୍‌ପୋଲ ପାଖରେ ବସାଘର କରିଥିଲୁ । ପାଣି ଘୁ ଘୁ ହୋଇ ପଡ଼ୁଥିବାରୁ ରାତିରେ ନିଦ ହେଲାନାହିଁ । ତା' ପରଦିନ ପରୀକ୍ଷା । ଗୋଟିଏ ଦିନ ମାତ୍ର ପରୀକ୍ଷା ହେଲା । ଅଙ୍କରେ ମୋର ସବୁ ଉତ୍ତର ଠିକ୍ ହୋଇଛି ବୋଲି ମାଷ୍ଟ୍ରେ ଜାଣିପାରି କହିଲେ, 'ମୁଁ ନିଶ୍ଚୟ ବୃତ୍ତି ପାଇବି । ଆମେ ଫେରିବା ବେଳେ ଝଙ୍କଡ଼ ବାଟେ ଶାରଳା ଠାକୁରାଣୀଙ୍କୁ ଦର୍ଶନ କରି ଗୁହାରି ଜଣାଇ ଆସିଲୁ । ସେଥର ମୁଁ ବୃତ୍ତି ପାଇଥିବାଯୋଗୁଁ ନନା ମୋର ସବୁ ପରୀକ୍ଷା ବେଳେ ଶାରଳା ଠାକୁରାଣୀଙ୍କୁ ଗୁହାରି କରୁଥିଲେ । ନୀଳକଣ୍ଠେଶ୍ୱରଙ୍କଠାରେ ମଧ୍ୟ ଜଳଛାୟା ହେଉଥିଲା ।

ପରୀକ୍ଷା ଦେବା ଥିଲା ମୋ କାମ । ମୁଁ ସେତକ ସାରି ଦେଇ ଆସିଲି । ଫଳ ବାହାରିବା କଥା ମୋତେ ଜଣା ନଥିଲା । ମାଷ୍ଟ୍ରେ ନନା ଓ ପୋଷ୍ଟମାଷ୍ଟର ଦୟାନିଧି ନନ୍ଦ (ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରାଥମିକ ଶିକ୍ଷକ ଲୋକନାଥ ନନ୍ଦଙ୍କ ପିତା) ପରୀକ୍ଷା ଫଳ ବିଷୟରେ ଜାଣିଥିଲେ । ଡିସେମ୍ବର ମାସ ଶେଷ ସପ୍ତାହରେ ମୁଁ ଗାଁ ବ୍ରାହ୍ମଣମାନଙ୍କ ସହିତ ଗୋଟିଏ ଅବ୍ରାହ୍ମଣର ଶୁଦ୍ଧିକ୍ରିୟାରେ ଚୁଡାଦହି ଖାଇବାକୁ ଯାଇଥିଲି । ରାତି ୮ଟା ବେଳକୁ ଫେରିଲୁ । ନୀଳକଣ୍ଠେଶ୍ୱର ମନ୍ଦିର ପାଖରେ ଜଣେ ନନାଙ୍କୁ କହିଲା ଯେ, ମୋ ନାଁରେ ଗୋଟିଏ ଲମ୍ବ ଚିଠି ଆସିଛି ବୋଲି ପୋଷ୍ଟମାଷ୍ଟର ନିଧିଆ ପିଇସା କହୁଥିଲା । ମୋତେ କୁଆଡ଼େ ସରକାର ଟଙ୍କା ଦେବେ ବୋଲି ସେଥିରେ ଲେଖାଥିଲା ବୋଲି ସେ କହିଲା । ମୁଁ ଗାଁକୁ ଆସିଲି । ନନା ମାଷ୍ଟ୍ରଙ୍କ ପାଖକୁ ଯାଇ ବୁଝିଲେ ଯେ, ମୁଁ ମାସିକ ତିନି ଟଙ୍କା ହିସାବରେ ବୃତ୍ତି ପାଇଛି । ବାଲିକୁଦା ମଧ୍ୟ ଇଂରାଜୀ ମାଇନର ସ୍କୁଲ୍‌ରେ ନାମ ନ ଲେଖାଇଲେ ସେ ଟଙ୍କା ମିଳିବ ନାହିଁ । ତେଣୁ ମୋତେ ଚାରି ବର୍ଷ ବାଲିକୁଦାରେ ରହିବାକୁ ପଡ଼ିବ । ନନା ଏକଥା ବୋଉକୁ କହୁଥିବା ବେଳେ ମୁଁ ଶୁଣିପାରି ଭୋ କରି କାନ୍ଦି ଉଠିଲି । ମୁଁ ବୋଉକୁ କହିଲି, ତାକୁ ଛାଡ଼ି ମୁଁ ଚାରିବର୍ଷ କାଳ ବାଲିକୁଦାରେ ରହିପାରବି ନାହିଁ । ନିମ୍ନ ପ୍ରାଥମିକ ବିଦ୍ୟାଳୟରେ ପଢ଼ିବାବେଳେ ଦିନେ ଦିନେ ବୋଉ ପାଖରୁ ଯିବି ନାହିଁ ବୋଲି ଜିଦ୍ କରି ସକାଳ ହେବା ମାତ୍ରେ ଭାତହାଣ୍ଡିକୁ ଧରି ଠିଆ ହେଉଥିଲି । ବ୍ରାହ୍ମଣ ଘରେ କେହି ଅଗାଧୁଆ ଭାତହାଣ୍ଡିକୁ ଛୁଅଁନ୍ତି ନାହିଁ । ତେଣୁ ନନା କି ବୋଉ କେହି ମୋତେ ଭାତହାଣ୍ଡି ପାଖରୁ ଅଗାଧୁଆ ଟାଣି ନେଇ ପାରିଲେ ନାହିଁ । ତେଣୁ ଭାତହାଣ୍ଡି ଥିଲା ସ୍କୁଲ୍‌କୁ ନଯିବା ଲାଗି ସର୍ବଶ୍ରେଷ୍ଠ ଆଶ୍ରୟସ୍ଥଳ । ଥରେ ନନା ବିରକ୍ତ ହୋଇ ଗାଧୋଇ ଆସି ଭାତହାଣ୍ଡିରୁ ଛଡ଼ାଇ ନେଇ ଫୋପାଡି ଦେଲେ ଯେ ମୁଣ୍ଡ ମାଟିରେ ବାଜି ଫୁଲିଗଲା । ବୋଉ ବହେ କାନ୍ଦିଲା ଓ କହିଲା, ପୁଅ ପାଠ ପଢ଼ିବ ନାହିଁ କି ଏ କଂସ କଚଡ଼ା ଖାଇବ

ନାହିଁ । ମୁଁ ଏ କଥାକୁ ସତ ମଣି ଭାରି ଖୁସି ହେଲି । ସେଦିନ ସ୍କୁଲ୍‌କୁ ନ ଯାଇ ମନଇଚ୍ଛା ଖେଳିଲି । ତା' ପରଦିନ ନନା ମୋ' ଆଗରୁ ଉଠି ଜଗି ବସିଲେ ଓ ମୁଁ ଉଠିବା ମାତ୍ରେ ମୋ ହାତ ଧରି ସ୍କୁଲ୍‌କୁ ନେଇଗଲେ । ମାଷ୍ଟ୍ରେ ଏ କଥା ଶୁଣି ମୋତେ ବହେ ଛିଗୁଲେଇ ଚିଡେଇଲେ । ତା'ପରେ କ୍ରମେ ମୋର ସ୍କୁଲ୍‌କୁ ଯିବା ଅନିଚ୍ଛା ଅପସରି ଗଲା । କଥା ମନେ ପକାଇ ନନା ଡରିଲେ- ମୁଁ ଯେପରି ଏକଜିଦିଆ ପିଲା, ବାଲିକୁଦା ଯିବାକୁ ନ ମଙ୍ଗିଲେ ସେ କ'ଣ କରିବେ ? ଏହିପରି ଚିନ୍ତାରେ ମାତ୍ର ଦୁଇଦିନ ପରେ ୧୯୨୮ର ଜାନୁଆରି ପହିଲା ହେଲା । ଦୁଇ ତାରିଖ ଦିନ ନନା ମୋତେ କାନ୍ଧେଇ ବାଲିକୁଦା ଚାଲିଲେ । ସେଠାରେ ଚତୁର୍ଥ ଶ୍ରେଣୀରେ ନାମ ଲେଖାଇଲି ।

୧୯୨୮ ଜାନୁଆରିରୁ ୧୯୩୧ ଡିସେମ୍ବର ପର୍ଯ୍ୟନ୍ତ ମୁଁ ବାଲିକୁଦା ମାଇନର ସ୍କୁଲ୍‌ର ଛାତ୍ର ଥିଲି । ସେତେବେଳେ ଆଇନଅମାନ୍ୟ ଆନ୍ଦୋଳନ ଚାଲିଥାଏ । ସ୍କୁଲ୍‌ର ଅନତିଦୂରରେ ଥିବା ନରିଲୋ ଗ୍ରାମରେ ନିତ୍ୟାନନ୍ଦ କାନୁନ୍‌ଗୋ ଓ ତାଙ୍କ ଭଉଣୀ ସରଳାଦେବୀଙ୍କ ଘର । କଂଗ୍ରେସ ରାଜନୀତିରେ ସେ ଦୁହିଁଙ୍କ ଖ୍ୟାତି ଓ ସ୍ଥାନ ସମସ୍ତଙ୍କୁ ଜଣା । କାନୁନ୍‌ଗୋ, ଗୋବିନ୍ଦଚନ୍ଦ୍ର ଦାସ, ହରେକୃଷ୍ଣ ବିଶ୍ୱାଳ ଓ କଣିଆଁର ନିତ୍ୟାନନ୍ଦ ମହାନ୍ତି ଓ ବୈକୁଣ୍ଠନାଥ ମହାନ୍ତି ସ୍କୁଲ୍‌ର ପୁରାତନ ଛାତ୍ର ହିସାବରେ ଆଇନଅମାନ୍ୟ ଆନ୍ଦୋଳନର କର୍ମୀ ଭାବରେ ଛାତ୍ରମାନଙ୍କ ଉପରେ ଗୁରୁତର ପ୍ରଭାବ ପକାଇଥିଲେ । ପ୍ରଧାନଶିକ୍ଷକ ରାଜକିଶୋର କାନୁନ୍‌ଗୋ ନିଜେ ଜଣେ କଂଗ୍ରେସପ୍ରେମୀ ଥିଲେ । ମହାତ୍ମାଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ଖଦଡ଼ ପିନ୍ଧୁଥିଲେ ଓ ନିୟମିତ ସୂତା କାଟୁଥିଲେ । ତାଙ୍କ ନିର୍ଦ୍ଦେଶରେ ବହୁ ଛାତ୍ରଙ୍କୁ ପିତଳ ତାକୁଡ଼ି ଓ ତୁଳା ଯୋଗାଇ ଦିଆଯାଇଥିଲା । ଆମେ ମଧ୍ୟ ସୂତା କାଟି ଶିଖିଲୁ । ସ୍କୁଲ୍ ନିକଟରେ ଗୋଟିଏ ଗଞ୍ଜେଇ ଅଫିମ ଦୋକାନ ଥିଲା । କଂଗ୍ରେସ କର୍ମୀମାନେ ସେ ଦୋକାନ ଆଗରେ ଶୋଇ ପିକେଟିଂ କରିବାବେଳେ କୌତୂହଳବଶତଃ ବହୁଛାତ୍ର ମଧ୍ୟ ଏହି ପିକେଟିଂରେ ଯୋଗ ଦେଉଥିଲେ । ବାଲିକୁଦା ଥାନା ବି ସ୍କୁଲ୍ ନିକଟରେ ଥିଲା । ଥାନାବାବୁ ଏହି ଫୁଲମାଳ ପିନ୍ଧା ପିକେଟିଂ କରୁଥିବା ସ୍କୁଲ୍ ଛାତ୍ରମାନଙ୍କୁ ଧରିନେଇ ଥାନାରେ ବସାଇ ଦେଉଥିଲେ । କାହାକୁ ମାରଧର କରୁ ନଥିଲେ । କେବଳ ବୟସ୍କ କର୍ମୀମାନେ ଗିରଫ ହେଉଥିଲେ । ମୁଁ ସେତିକି ବେଳେ ସରଳା ଦେବୀଙ୍କୁ ପ୍ରଥମେ ଦେଖିଲି ।

ମୋ ଛାତ୍ରାବସ୍ଥାରେ ଦୁଇଜଣ ବିଶିଷ୍ଟ ଲୋକ ସ୍କୁଲ୍‌କୁ ଆସିଥିବାର ଦେଖିଛି । ଜଣେ ହେଲେ ଶ୍ରୀଯୁକ୍ତ ପ୍ରାଣକୃଷ୍ଣ ପରିଜା । ସେ ଆମ ବିଦ୍ୟାଳୟର ପୁରାତନ ଛାତ୍ର । ସେ ଆମ ହେଡ୍ ପଣ୍ଡିତ୍ ସେନଗୁପ୍ତଙ୍କର ଛାତ୍ର ଥିଲେ । ପଣ୍ଡିତ ଆମକୁ ପରିଜା ସାହେବଙ୍କ କଥା କହିବା ବେଳେ ପାଣୁ ବୋଲି ତାଙ୍କୁ ଉଲ୍ଲେଖ କରୁଥିଲେ । ସେ ୧୯୩୦ ଗ୍ରୀଷ୍ମ ଛୁଟିରେ ପେଣ୍ଟ୍,

କୋଟ୍ ଓ ଟାଇ ପିନ୍ଧି ବୁଲି ଆସିଥିଲେ । ସେ ହେତୁ ପଣ୍ଡିତଙ୍କୁ ସାକ୍ଷାତ୍ କରିବାକୁ ଆସିଥିବା କଥା କହିଲେ ଏବଂ ପଣ୍ଡିତ ମହାଶୟ ଆସିବା କ୍ଷଣି ସେ ତାଙ୍କ ପଦସ୍ପର୍ଶ କରି ପ୍ରଣାମ କଲେ । ଆମେ ତାଙ୍କୁ ଚିହ୍ନି ପାରି ନଥିଲୁ । ଚିହ୍ନିବା ମାତ୍ରେ ଚୌକିରେ ନ ବସି ଡେସ୍କ ଉପରେ ଭରା ଦେଇ ଠିଆ ହୋଇ କଥାବାର୍ତ୍ତା କଲୁ । ସେତେବେଳେ ସେ ରେଭେନ୍ସା କଲେଜ୍‌ରେ ଉଦ୍ଭିଦ ବିଜ୍ଞାନର ଅଧ୍ୟାପକ ଥିଲେ । ସେ ଭାରତୀୟ ଶିକ୍ଷା ସେବାର (ଆଇ.ଇ.ଏସ୍.) ସଦସ୍ୟ ଥିଲେ ବୋଲି ମାସିକ ୧୨୫୦ଟଙ୍କା ଦରମା ପାଉଥିଲେ । ମୁଁ ତ ଟିକିଏ ଆଗଚଲା । ଅନ୍ୟମାନଙ୍କ ମନ୍ତ୍ରଣାରେ ମାଡ଼ିଯାଏ । ଆମେ ମାସକୁ ଦଶଅଣା ମେସ୍ ଖର୍ଚ୍ଚ ଦେଇ ଦୁଇ ଓଳି ଖାଉଥିଲୁ । ତେଣୁ ଆମେ ବିଚାର କଲୁ, ସେ ଏତେ ଟଙ୍କା ରୋଜଗାର କରୁଥିବାରୁ ସୁନା ଖାଉଥିବେ । ତାଙ୍କୁ ଏ କଥା ପଚାରିବା ଦାୟିତ୍ୱ ମୋତେ ଦିଆଗଲା । ତେଣୁ ମୁଁ ଆଗକୁ ଯାଇ ନମସ୍କାର କଲି ଓ ପଚାରିଲି- 'ସାର୍ ! ଆପଣ କୁଆଡ଼େ ମାସିକ ୧୨୫୦ଟଙ୍କା ଦରମା ପାଆନ୍ତି ?' ସେ ହଁ ଭରିବାରୁ ମୋର ଆର ପ୍ରଶ୍ନଟି ହେଲା, 'ଆପଣ ଆମ ପରି ଭାତ ଖାଆନ୍ତି ନା ସୁନା ଖାଆନ୍ତି ?' ପ୍ରବଳ ହାସ୍ୟରୋଳ ଭିତରେ ସେ ବୁଝାଇଦେଲେ, 'ଜଣେ ମଣିଷ ଯେତେ ରୋଜଗାର କଲେ ବି ସେ ଭାତ ନ ଖାଇ ବଞ୍ଚି ପାରିବ ନାହିଁ ।'' ଜୀବନରେ ଏହା ଗୋଟିଏ ମହାନ ଶିକ୍ଷା । ଦ୍ୱିତୀୟ ଆଗନ୍ତୁକ ଜଣକ ଥିଲେ ବାଲୁଗାଁର ଡାକ୍ତର ରାଧାଚରଣ ପଣ୍ଡା । ସେ 'ପାରିକୁଦ' ନାମକ ଗୋଟିଏ ବହି ଲେଖି ବୁଲିବୁଲି ପ୍ରଚାର କରୁଥିଲେ। ସେ ମଧ୍ୟ ମାଇନର୍ ସ୍କୁଲ୍ ପିଲାଙ୍କପାଇଁ 'ସ୍ୱାସ୍ଥ୍ୟଶିକ୍ଷା' ନାମକ ଆଉ ଗୋଟିଏ ବହି ଲେଖିଥିଲେ । ସେ 'ପାରିକୁଦ' ଉପରେ ଗୋଟିଏ ବକ୍ତୃତା ଦେଇ ଚିଲିକା ହ୍ରଦ ବିଷୟରେ ବର୍ଣ୍ଣନା କଲେ । ଛାତ୍ରମାନେ କେତେଖଣ୍ଡ 'ସ୍ୱାସ୍ଥ୍ୟଶିକ୍ଷା' ବହି ମଧ୍ୟ କିଣିଲେ । ତାଙ୍କ ସହିତ ଏହି ପ୍ରଥମ ପରିଚୟ ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଅତୁଟ ଥିଲା । ତାଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ସହିତ ସେହି ସୌହାର୍ଦ୍ଦ୍ୟ ଏ ପର୍ଯ୍ୟନ୍ତ ଅକ୍ଷୁଣ୍ଣ ରହିଛି । ମୋର ଧାରଣା ଥିଲା, ଯେଉଁମାନଙ୍କ ନାମ ବହିରେ ଛପା ଯାଇଥାଏ, ସେମାନେ ମରିଯାଇଥାନ୍ତି ବୋଲି । ତାଙ୍କ ବହିରେ ତାଙ୍କ ନାଁ ଦେଖି ଓ ତାଙ୍କ ସହିତ କଥାବାର୍ତ୍ତା କରି ସେ ଧାରଣା ବଦଳିଗଲା ।

* * *

**ବିଶିଷ୍ଟ ଶିକ୍ଷାବିତ୍ ତଥା ଅଧ୍ୟାପକ ଡକ୍ଟର ଶ୍ରୀରାମଚନ୍ଦ୍ର ଦାଶଙ୍କ ଆତ୍ମଜୀବନୀ 'ମୋ ଅକୁହା କାହାଣୀ'ରୁ ଉଦ୍ଧୃତ ।**



**ସୁରେନ୍ଦ୍ର ମହାନ୍ତି (୧୯୨୨-୧୯୯୦)**

# 'ପିଲାଦିନେ ପାଠଚୋର ଥିଲି'

ଏଇ ଘରେ ମୁଁ ଦିନେ ଭୂମିଷ୍ଠ ହୋଇଥିଲି । ମୋର ଜେଜୀ ମା' ଅର୍ଥାତ୍ ଗୋପୀନାଥ ମହାନ୍ତିଙ୍କ ସ୍ତ୍ରୀଙ୍କଠାରୁ ଶୁଣିଛି ମୁଁ ଭୂମିଷ୍ଠ ହେବା ପରେ କେତେ ଘଡ଼ି କୁଆଡ଼େ କାନ୍ଦିଲି ନାହିଁ । ପରିସ୍ରା ବି ହେଲା ନାହିଁ । କାନ୍ଦବୋବାଳି ପଡ଼ିଗଲା । ଜେଜୀମା' ମୋ କାନ ଢେର୍ ସମୟ ଧରି ଫୁଙ୍କିଲେ । ପାଟି ଆଁ କରି ଫୁଙ୍କୁଛନ୍ତି, ମୁଁ କୁଆଡ଼େ ହଠାତ୍ ଚର୍‌ଚର୍ କରି ତାଙ୍କ ପାଟି ଭିତରକୁ ମୂତିଦେଲି । କାନ୍ଦବୋବାଳି ଭୁଲି ଅନ୍ତୁଡ଼ି ଘରେ ଯେଉଁ ମାଇପେ ଥିଲେ, ସମସ୍ତେ ଖିଲି ଖିଲି ହସିଉଠି ବୁଢ଼ୀଙ୍କୁ ଚିଡ଼େଇଲେ ।

ଆମ ଆଟୁ ଘରଟି କିନ୍ତୁ କ୍ୱଚିତ୍ ଫିଟାଯାଏ । ଆମ ଘରର ସବୁ ଦାମୀ ଜିନିଷପତ୍ର ସେଇ ଘରେ ବନ୍ଦ ହୋଇ ପଡ଼ିଥାଏ । ମୋ ଜେଜେବାପା ଆର୍ତ୍ତତ୍ରାଣ ମହାନ୍ତିଙ୍କ ମୃତ୍ୟୁ ପରଠାରୁ ସେ ଘରକୁ ଆଉ କେହି ବ୍ୟବହାର କରୁ ନଥିଲେ । ଖଞ୍ଜାର ପଛ ଧାଉଡ଼ିରେ ଆମ ଭାଗରେ ପଡ଼ିଥିଲା ଗୋଟିଏ ବଡ଼ ବଖରା । ସେଥିରେ ଥିଲା ଅଧା କାନ୍ଥ । ଡିବି ରଖିବାପାଇଁ ଅଧାକାନ୍ଥର ଦୁଇପଟେ ତିଆରି ହୋଇଥିଲା ଗୋଟିଏ ଠଣା । ଖଟତଳ ଯାକ ରହୁଥିଲା ଆଳିମାଳିକା- ବୋଉର ଯଉତୁକ ପିତଳ କୁଣ୍ଡ, ଗରାଠାରୁ ଆରମ୍ଭ କରି ବାଡ଼ିରୁ ଅମଳ ହୋଇଥିବା ସାରୁ ପର୍ଯ୍ୟନ୍ତ ।

ଏଇ ଖଟ ଉପରେ ଓଳିଆ ସବୁ ଘୁଞ୍ଚାଇ, ତା' ଭିତରେ ମୁଁ ଦିନେ ଗଢ଼ିଥିଲି ମୋର ଶୈଶବର ସ୍ୱପ୍ନପୁରୀ... । ଗୁଡ଼ାଏ ଷଢ଼େଇରେ ଧୂଳି, ବାଲି, ଗୋଡ଼ି, ସାଧବ ବୋହୂ ପୋକ, ବୋତଲ ଭିତରେ ଜୁଳୁଜୁଳିଆ ପୋକ ଆଉ କୋଉ ବୋତଲର ପାଣି ଭିତରେ କେତୋଟି ଦଣ୍ଡିକିରୀ ମାଛ, ଖପରା, ଛିଣ୍ଡା କାଗଜ, ଖାଲି ଦିଆସିଲି ଖୋଳ- ଏଇପରି ଆଉରି ଅନେକ କିଛି... ଯାହାକୁ ବଡ଼ ମଣିଷମାନେ ଫିଙ୍ଗି ଦେଇଥିଲେ, ମୁଁ ସେସବୁକୁ ସାଉଁଟି ଆଣି ଏଇଠି ସଜେଇ ରଖୁଥିଲି ଓ ସେସବୁକୁ ଧରି ଏକୁଟିଆ ଘଣ୍ଟା ଘଣ୍ଟା ଖେଳୁଥିଲି । ଆମ ଖଞ୍ଜାରେ ମୋ ବୟସର କୌଣସି ପିଲା କୌତୂହଳୀ ହୋଇ ମୋର ସେଇ ନିଭୃତ ପୃଥିବୀରେ ଅନଧିକାର ପ୍ରବେଶ କଲେ ମୁଁ ତାକୁ ନିସ୍ତୁକ ପିଟୁଥିଲି । ବୋଉର ହାଣ୍ଡିଶାଳ ପରି ଏହା ମଧ୍ୟ ଥିଲା ଅନ୍ୟମାନଙ୍କପାଇଁ ଆଉ ଏକ ନିଷିଦ୍ଧ ଇଲାକା ।

ମୁଁ ବୈଷ୍ଣବ ଅବଧାନଙ୍କ ଚାଟଶାଳୀରେ ନାଆଁ ଲେଖାଇବା ପରଠାରୁ ବୋଉର ହାଣ୍ଡିଶାଳ ଅନ୍ୟମାନଙ୍କପାଇଁ ଆଉ କିନ୍ତୁ ନିଷିଦ୍ଧ ହୋଇ ରହିପାରିଲା ନାହିଁ । ପିଲାଦିନେ ମୁଁ ଭାରି ପାଠଚୋର ଥିଲି । ଦିନେ ଦିନେ ସକାଳୁ ପେଟ ଟାଣୁଚି, ମୁଣ୍ଡ ବିନ୍ଧୁଚି, ଜର ଆଇଲାଣି- ଏମିତି ନାନା ପେଖନା କାଢ଼ି ଚାଟଶାଳୀକୁ ଯାଏ ନାହିଁ, କାନ୍ଦେ । ଇନ୍ଦୀ ମାଉସୀ ବୋଉକୁ କୁହେ, ଆଗୋ ଶୋଶୀ ଅପା, ଦେଖିଲୁଣି ସୁରିଆ ଦିହ ଜର ତାତିରେ କେମିତି ଖଇ ଫୁଟୁଚି । ନିଆଁ ପଡ଼ୁ ପାଠ ମୁହଁରେ । ସୁରିଆ ଚାଟଶାଳୀକୁ ଆଜି ଯିବ ନାହିଁ ।' ମୁଁ ମନେ ମନେ ଖୁସି ହୋଇ ଇନ୍ଦୀ ମାଉସୀକୁ ଜାବୁଡ଼ି ଭିତରେ ଭିତରେ ହସେ । ଆଜି ଚାଟଶାଳୀକୁ ନଗଲେ ନିଶ୍ଚୟ କେଇଟା ପ୍ରଜାପତି ଧରିବି । ଏ ଫିକର କିନ୍ତୁ ବେଶିଦିନ କାମ ଦେଲା ନାହିଁ । ବଇଷମ ଅବଧାନେ ଭାରି ନିଷ୍ଠୁର । ସୁଇଁସାଇର ଗୋଟାଏ ଟୋକା ତାଙ୍କର ବଡ଼ ଚାଟ । ତାଙ୍କ ବୋଲରେ ସେଇଟା ଆସି ଗୋଟାଏ ଯମଦୂତ ପରି ମୋତେ ଘିରିଘିରି ଟାଣି ନେଇଯାଏ ଚାଟଶାଳୀକୁ । ଇନ୍ଦୀ ମାଉସୀ ସୁଦ୍ଧା ରକ୍ଷା କରିପାରେ ନାହିଁ । ତା'ପରେ ବୋଉ ଓ ଇନ୍ଦୀ ମାଉସୀଙ୍କ ମଧ୍ୟରେ ଲାଗେ ଝଗଡ଼ା । ଇନ୍ଦୀ ମାଉସୀ

ରାଗିମାଗି କହେ, 'ଗୋଟିଏ ବୋଲି ପିଲା । ତାକୁ ତମେ ସବୁ ମିଶି ମାରି ପକେଇବ । ନିଆଁ ପଡୁ ବଇଷମ ଅବଧାନ ମୁହଁରେ ।'

ମୋର ନିଭୃତ ପୃଥିବୀକୁ ମୁଁ କିନ୍ତୁ ଯେତେବେଳେ ଫେରିଆସେ, ସେତେବେଳେ ବାହାରର ସବୁକିଛି ଭୁଲିଯାଏ । ନିମଜ୍ଜିତ ହୋଇପଡ଼େ ମୋର ସ୍ୱପ୍ନର ସଂସାରରେ ।

ଆମ ବାଡ଼ିରେ ତାଳଗଛର ବାହୁଙ୍ଗା ସବୁ ପବନରେ ଦାମ୍‌ମା ପିଟିବାବେଳେ, ମୁଁ ଉତ୍କର୍ଣ୍ଣ ହୋଇଉଠେ । ତାଳଗଛ ସବୁ ମୋତେ ଯେପରି କେତେ ଆଡ଼ର କେତେ କଥା କହୁଛନ୍ତି । ସେଥିରୁ କିଛିଟା ବୁଝିପାରେ, ଆଉ କିଛିଟା ଅବୁଝା ରହିଯାଏ ।...ନିଶୂନ୍ ରାତିରେ, ବାଉଁଶ ବଣରେ, ପବନ ନାନାବାୟା ଗୀତ ବୋଲେ । ଡାଆଣୀମାନେ ବି ବଇଁଶୀ ବଜାନ୍ତି...ଗୋଟିଏ ଅଶରୀରୀ କେଁ କେଁ ସ୍ୱର ଶୁଣିବାପାଇଁ ମୋତେ ଯେତିକି ଭଲଲାଗେ ସେତିକି ମଧ୍ୟ ଭୟ ଲାଗେ ।

ଏଇ ଥିଲା ମୋର ଶୈଶବର ପୃଥିବୀ ।

ଗଛ... ଚଢ଼େଇ... ପ୍ରଜାପତି... ଫୁଲ... ଧୂଳି... ଖପରା ଇତ୍ୟାଦିର ଐଶ୍ୱର୍ଯ୍ୟରେ ମୁଁ ଥିଲି ଐଶ୍ୱର୍ଯ୍ୟମନ୍ତ ।

**ବଇଷମ ମାଷ୍ଟର**

କଳା କିଟିକିଟିଆ ଡେଙ୍ଗା ପାତଳା ମଣିଷଟିଏ । ମୁଣ୍ଡଟି ଲଣ୍ଡା । ବେକରେ ତିନିସାରି ତୁଳସୀ କଣ୍ଠି । ମୁହଁରେ ହନୁହାଡ଼ ବାହାରିପଡ଼ିଛି । ଆଖି ଦୁଇଟା ପେଜୁଆ । କାନ୍ଧରେ ଖଣ୍ଡେ ଗାମୁଛା- ପିନ୍ଧାରେ ଆଣ୍ଠୁ ନଲୁଚା ମଇଳା ଧୋତି । କଣ୍ଠ ସ୍ୱର ଘାଗଡ଼ା । କଥାବାର୍ତ୍ତା କଲେ ଗଂଜେଇ ଧୂଆଁର ବାସନା ବାହାରେ । ଇଏ ଥିଲେ ଆମ ଗାଁର ମାଟିବଂଶ ଅବଧାନ... ବଇଷମ ଅବଧାନ । ଲୋକଟି ଗୃହୀ ବୈଷ୍ଣବ । ପୁରୁଷୋତ୍ତମ ପୁର ଗାଁରେ ତାଙ୍କ ଘର ଖଞ୍ଜାଟି ମହାନ୍ତି ସାହିରୁ ଅଲଗା । ସିଏ ଆମ ଗୋତ୍ରରେ ନଥିଲେ। ତାଙ୍କ ଖଞ୍ଜା ବାଡ଼ିର ଚେହେରା ଅନେକଟା ମଠ ପରି । ବୈଷ୍ଣବ ହେଲେ କ'ଣ ହେଲା, ଭାରି ନିଷ୍ଠୁର । ପିଲାଙ୍କୁ ନିସ୍ତୁକ ବାଡ଼ଉଥିଲେ । ପୁଣି ବଦରାଗୀ । ଆମେ ପିଲାମାନେ ତାଙ୍କୁ ପଛରେ ଡାକୁଥିଲୁ 'ବାଘ' । ଏଇ ବାଘ ଯାଉଛି, ଏଇ ବାଘ ଆଇଲା ।

ଦିନେ ବାପା ଗାଁକୁ ଆସି ତାଙ୍କୁ ଆମ ଘରକୁ ଡକାଇ ପଠାଇଲେ । ବାପା ବୈଷ୍ଣବ ଅବଧାନଙ୍କୁ କହିଲେ, 'ଯେ ଟୋକାଟାକୁ ଛଅ ବର୍ଷ ତ ପୂରିଲା । ଏ ପର୍ଯ୍ୟନ୍ତ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ବି ମଡ଼େଇଲା ନାହିଁ । ମୁଁ ତ ଦୃଷ୍ଟିଦେଇ ପାରୁନାହିଁ । ବାଉରୀ ସାଇ ଟୋକାଙ୍କ ମେଳରେ ମିଶି ଭାରି ଖେଚଡ଼ ହୋଇ ଗଲାଣି । ତାକୁ ଆପଣଙ୍କ ଚାହାଳିରେ ନେଇ ବସାନ୍ତୁ,

ଆଉ ନିସ୍ତୁକ ପିଟନ୍ତୁ ।' ବାଘ କାହିଁକି ଆମ ଘରକୁ ଆଇଲା, ବାପା ତାଙ୍କୁ କ'ଣ କହୁଛନ୍ତି ଜାଣିବାପାଇଁ ମୁଁ ଲୁଚିଲୁଚି ଦାଣ୍ଡଘର କବାଟ ଉହାଡ଼ରେ ଛିଡ଼ା ହୋଇଛି । ବୈଷ୍ଣବ ଅବଧାନେ କହିଗଲେ, କାଲି ତାକୁ ମୋ ପାଖକୁ ପଠାଇଦେବ । ତା' ପରଦିନ ସକାଳେ ଗୋଟିଏ ଥାଳିରେ ଚାଉଳ, ମୁଗଜାଇ, କଦଳୀ, ସାରୁ, ଧୂଆଁପତ୍ର ଦି'ଖଣ୍ଡ, ପାନଗୁଆ, ଗୋଟାଏ ନଡ଼ିଆ ଆଉ ଦି' ଅଣା ପଇସା ସଞ୍ଚା ଧରି ଶାରୀ ଅପା ଆଗେ ଆଗେ ଚାଲିଲା- ଆଉ ତା' ପଛରେ ମୁଁ ।

ଏଇ ପିଣ୍ଡାରେ ଆମର ବିଦ୍ୟାଶିକ୍ଷା ଚାଲିଲା । ସକାଳେ ଅଙ୍କ, ମାନସାଙ୍କ ଆଉ ଖଡ଼ିପାଠ- ଓପର ଓଳି ବହିପାଠ । ମଧୁସୂଦନ ରାଓଙ୍କ ବର୍ଣ୍ଣବୋଧ ମୋର ଅଳ୍ପ ଦିନରେ ସରି ଆସିଲା । ଓପର ଓଳି କଣ୍ଠସ୍ୱର ଲମ୍ବାଇ ବୋଲିବାକୁ ପଡ଼େ ଗୋଟିଏ ପଦ୍ୟ, 'ଦିନମଣି ଅସ୍ତଗଲେ ଦିନ ହେଲା ଶେଷ, ଆସଇ ରଜନୀ ରାଣୀ ପିନ୍ଧି କଳାବେଶ ।' ଏ ଗୀତ ବୋଲିବା ବେଳେ ମୁଁ ଚାହିଁ ଦେଖେ ଗୋଧୂଳିର ଶେଷ ଆଲୁଅ, ସାମ୍ନା ବାଉଁଶ ଝାଡ଼ ଉପରେ ଜାଳିଦେଇ ଗଲାଣି ଯେପରି ସଂଜର ଦୀପାଳି । ମୋ ଗୀତ ଥମିଯାଏ । ତାଆରି ଭିତରେ ମୁଁ କେଉଁଠି କେମିତି ହଜିଯାଏ, ଠିକ୍ ବୁଝିପାରେ ନାହିଁ । ପ୍ରକୃତରେ ମୁଁ ଦେଖିପାରେ ରଜନୀରାଣୀ ଯେପରି ଖଣ୍ଡେ କଳାଶାଢ଼ି ପିନ୍ଧି ଧୀର ମନ୍ଥର ପାଦରେ ତଳକୁ ଓହ୍ଲାଇ ଆସୁଛନ୍ତି । ଅବଧାନଙ୍କର ଗୋଟିଏ ବିଧା ବା ଚାପୁଡ଼ାରେ ମୋର ଆଚ୍ଛନ୍ନ ଭାବ କଟିଯାଏ । ତା'ପରେ ପୁଣି ସ୍ୱର ଲମ୍ବାଏ । ଏବେ ଦେଖୁଚି, ପିଲାଏ ସେ ପାଠ ଆଉ ପଢ଼ୁ ନାହାନ୍ତି । ଯାହା ସେମାନଙ୍କୁ ପଢ଼ାଯାଉଛି, ସେଥିରେ ନା ଭାଷା ଅଛି, ନା ଅଛି ଭାବ ନା ଅଛି ସାହିତ୍ୟ । ତେଣୁ ପ୍ରାଥମିକ ସ୍ତରରେ ପିଲାମାନଙ୍କର ମାନସିକ ସୌନ୍ଦର୍ଯ୍ୟ ଓ ସୌକୁମାର୍ଯ୍ୟ ଯେ ବିକଶିତ ହୋଇପାରୁ ନାହିଁ , ସେଥିରେ ମୁଁ ଆଦୌ ବିସ୍ମିତ ନୁହେଁ ।

ଦିନଗୁଡ଼ିକ ତ କଟିଯାଉଥିଲା ବେଶ୍ , ଗେଣ୍ଡାଳିଆ ଚଢ଼େଇ ଡେଣା ଝାଡ଼ି ଝାଡ଼ି ଉଡ଼ିଯିବା ପରି । ମୁଁ ଇତିମଧ୍ୟରେ ସମବୟସ୍କ ସାଇପିଲାମାନଙ୍କର ଗୋଟିଏ ନେତା ହୋଇ ସାରିଥିଲି । ପାରା ଉଡ଼ାଇବାରେ ବାଉରୀ ସାଇର ପିଲାମାନେ ସୁଦ୍ଧା ମୋ ପାଖରେ ହାର ମାନନ୍ତି । ନରପାରା କିଏ ଆଉ ମାଧିପାରା କିଏ, ମୁଁ ଠିକ୍ ଚିହ୍ନି ପାରୁଥିଲି । ଦୁଆରେ ହଳଦୀପାଣି ଗୋଟିଏ କଂସାରେ ରଖି ପାରା ଖୁବ୍ ଉଚ୍ଚରେ ଉଡ଼ୁଥିବା ବେଳେ ତା' ଭିତରେ ମୁଁ ତାକୁ ଦେଖିପାରୁଥିଲି । ଗୁଲି ଖେଳରେ ମଧ୍ୟ ମୁଁ ହୋଇ ଉଠିଥିଲି ଧୁରନ୍ଧର । ବଣି ଚଢ଼େଇ ବସାରୁ ଧରିଆଣି ପୋଷା ମନେଇ ପାରୁଥିଲି । ଖରାବେଳେ ଖଞ୍ଜାରେ ଅପା ଖୁଡ଼ୀମାନେ ମୋତେ ସ୍ନେହରେ ଡକାଇ ଗୋପୀଭାଷା ନୋହିଲେ ସଂଗୀତ ଛେନାଗୁଡ଼ ନୋହିଲେ ଜେମାଦେଇ କାନ୍ଦ ମୋ ପାଖରୁ ଶୁଣୁଥିଲେ । ସେତେବେଳେ କରଣଘରେ

ବୋହୂ ନୂଆ ହୋଇ ଶାଶୂଘରକୁ ଆସିବା ବେଳେ, ଗୋଟିଏ ପେଡ଼ିରେ ଆଣୁଥିଲେ ଏହିପରି ସବୁ ଚଟି ଚଟି ବହି । ଇଏ ଥିଲା କରଣ ଘରର ସମ୍ପଣା । ସଂଜବେଳେ ଭାଗବତ ବୋଲାଯିବା ବେଳେ ମୁଁ ତନ୍ମୟ ହୋଇ ଶୁଣୁଥିଲି । କିଛି ବୁଝିପାରୁ ନଥିଲି ଭାଗବତର କଥା । କିନ୍ତୁ ବୋଲିବାର ରାଗିଣୀ; ସଂଜର ଅନ୍ଧାର ଆଉ ଥରାଥରା ଦୀପଶିଖା ଆଉ ଜାକି ଜାକି ହୋଇ ବସିଥିବା ମଣିଷମାନେ ସବୁ ମିଶି ଯେପରି ଅଭିନ୍ନ ହୋଇ ଉଠୁଥିଲେ । ଆଉ ତା'ର ଭିତରେ ମୁଁ କେଉଁଠି ହଜିଯାଉଥିଲି, ନଡ଼ାଗଦାରେ ଗୋଟିଏ ଛୁଞ୍ଚି ହଜିଯିବା ପରି । ମୁଁ ତା' ଭିତରେ ଅନୁଭବ କରିପାରୁଥିଲି ଯେପରି ଗୋଟାଏ ଅନନ୍ତକାଳର ଅଖଣ୍ଡ ସତ୍ତା । ଦିନସବୁ ପ୍ରକୃତରେ ବେଶ୍ କଟିଯାଉଥିଲା । ମୁଁ ଭାବୁଥିଲି ମୋର ଦିନସବୁ ଏଇପରି କଟିଯିବ ।

ଦିନେ କିନ୍ତୁ ଆକସ୍ମିକ ଆସିଲା ଏକ ବିପଦ । ବାପା ପ୍ରତି ମାସରେ ଥରେ ଥରେ ଗାଁକୁ ଆସନ୍ତି । ରାତିଟା ରହି ପୁଣି ସକାଳୁ ତାଙ୍କର ଚାକିରି ଗାଁକୁ ବାହାରି ଯାଆନ୍ତି । ଦିନେ ସେ ଆସିବାବେଳକୁ ମୁଁ ଘରେ ନଥିଲି । ସେଦିନ ମୋର ପୋଷା ବଣିଟା ପଞ୍ଜୁରିରୁ ଖସି କୁଆଡ଼େ ଉଡ଼ି ଯାଇଥିଲା । ତାକୁ ବିଲ ଗହୀରରେ ବଣବୁଦାମାନଙ୍କରେ ଖୋଜି ଖୋଜି ଆମ ଖଞ୍ଜାର ଜଣେ ଦି'ଜଣ ପିଲାଙ୍କ ସହିତ ମୁଁ ଗହୀରେ ଗହୀରେ ପଛାମୁଣ୍ଡାଇ କେନାଲ୍ ବନ୍ଧ ପର୍ଯ୍ୟନ୍ତ ସୁଦ୍ଧା ଚାଲିଯାଇଥିଲି । ପ୍ରାୟ କୋଶେ ବାଟ । ବଣି ତ ମିଳିଲା ନାହିଁ । ତେବେ ସେଇଦିନ ବୁଝିଥିଲି, ଯିଏ ପଞ୍ଜୁରିରୁ ଫିଟି ଥରେ ଉଡ଼ିଯାଏ, ସିଏ ଆଉ ପଞ୍ଜୁରିକୁ ଫେରେ ନାହିଁ । ତା'ପାଇଁ ପାଗଳ ହୋଇ ବୁଲିବା କେବଳ ସାର ହୁଏ ।

* * *

**ଓଡ଼ିଆ ସାହିତ୍ୟର ଅମର କଥାଶିଳ୍ପୀ ସୁରେନ୍ଦ୍ର ମହାନ୍ତିଙ୍କ ଆତ୍ମଜୀବନୀ 'ପଥ ଓ ପୃଥିବୀ'ରୁ ଉଦ୍ଧୃତ ।**

# 'ଆମ ଓଡ଼ିଶା' ପ୍ରକାଶିତ ପୁସ୍ତକ

| | | |
|---|---|---|
| ■ ଗୌତମ ବୁଦ୍ଧ | ଜାନକୀବଲ୍ଲଭ ପଟ୍ଟନାୟକ | ଟ.୬୦/- |
| ■ ମାଲୁଣୀର ଫୁଲ ଓ ଅନ୍ୟାନ୍ୟ ଗଳ୍ପ | ଜାନକୀବଲ୍ଲଭ ପଟ୍ଟନାୟକ | ଟ.୫୦/- |
| ■ ସରଳ ଓଡ଼ିଆ ଅଭିଧାନ | ଡକ୍ଟର ଧନେଶ୍ୱର ମହାପାତ୍ର | ଟ.୧୨୫/- |
| ■ ଆମ ମଧୁସୂଦନ | ସୁରସିଂହ ପଟ୍ଟନାୟକ | ଟ.୨୪୦/- |
| ■ ଆମ ଗଙ୍ଗାଧର | ବାବାଜୀ ଚରଣ ପଟ୍ଟନାୟକ | ଟ.୬୦/- |
| ■ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନ | ଲାଲମୋହନ ପଟ୍ଟନାୟକ | ଟ.୧୦୦/- |
| ■ ସପ୍ତାର୍ଷ୍ଟର୍ଯ୍ୟ | ଶିବ କୁମାର ଦାସ | ଟ.୫୦/- |
| ■ ଆମ ସମୟର ସପ୍ତାର୍ଷ୍ଟର୍ଯ୍ୟ | ଶିବ କୁମାର ଦାସ | ଟ.୫୦/- |
| ■ ଆମ ଦେବଦେବୀ | ଅସିତ ମହାନ୍ତି | ଟ.୬୦/- |
| ■ ରାଜକନ୍ୟା | ନିତ୍ୟାନନ୍ଦ ମହାପାତ୍ର | ଟ.୩୦/- |
| ■ ଓଡ଼ିଶା ଇତିହାସ | ସଂ: ପ୍ରୀତୀଶ ଆଚାର୍ଯ୍ୟ | ଟ.୧୭୦/- |
| ■ କଥାଶତକ-(୧ମ ଓ ୨ୟ) | ସଂ: ସୌମ୍ୟରଂଜନ ପଟ୍ଟନାୟକ | ଟ.୧୬୦/- |
| ■ ଆମ ଓଡ଼ିଶା ଗପ | ସଂ: ସୌମ୍ୟରଂଜନ ପଟ୍ଟନାୟକ | ୪୫/- |
| ■ **Odisha Tales** | ସଂ: ସୌମ୍ୟରଂଜନ ପଟ୍ଟନାୟକ | ୪୫/- |
| ■ 'ଅ' ରୁ 'ଳ' ଗାଇବା ଚାଲ | ଦାଶ ବେନହୁର | ୪୫/- |
| ■ 'ଏକ' ରୁ 'କୋଡ଼ିଏ' ବଣକୁ ଗଲେ | ଦାଶ ବେନହୁର | ୪୫/- |
| ■ ଆମ ପ୍ରାର୍ଥନା ବହି | ସଂ: ଦାଶ ବେନହୁର | ୪୦/- |
| ■ ନୀଳ ଠେକୁଆ | ରବୀନ୍ଦ୍ରନାଥ ମାଝୀ | ୪୦/- |
| ■ ତୁମରି ପରି ପିଲାଟିଏ-(୧ମ ଓ ୨ୟ) | ଅସିତ ମହାନ୍ତି | ୭୦/- |
| ■ ଶବ୍ଦରୁ ଇତିହାସ-(୧ମ ଓ ୨ୟ) | ଅସିତ ମହାନ୍ତି | ୭୦/- |
| ■ ଆଣ୍ଡରସନ୍‌ଙ୍କ ପରୀକାହାଣୀ-(୧ମ ଓ ୨ୟ) | ଅସିତ ମହାନ୍ତି | ୭୦/- |
| ■ ବାରମାସ କଥା-(୧ମ ଓ ୨ୟ) | ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର | ୭୦/- |
| ■ ସାତବାର କଥା | ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର | ୪୦/- |
| ■ ଅଜାନାତି କଥା-(୧ମ ଓ ୨ୟ) | ସୌରୀନ୍ଦ୍ର ବାରିକ୍ | ୭୦/- |
| ■ କାର୍ଟୁନ୍ କଥା-(୧ମ ଓ ୨ୟ) | ସ୍ୱରାଜ ମିଶ୍ର | ୮୦/- |
| ■ ବିଶ୍ୱକପ୍ କ୍ରିକେଟ | ଆଶିଷ କୁମାର ରାୟ | ଟ.୧୦୦/- |
| ■ ବାଘରାଣୀ ଖଇରୀ | ଅଖିଳ ମୋହନ ପଟ୍ଟନାୟକ | ଟ.୬୦/- |